ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.112 Bhubaneswar Wednesday June 07 2023 | ୨୬ତମ ବର୍ଷ ସଂଖ୍ୟା-୧୧୨ ଭୁବନେଶ୍ୱର, ବୁଧବାର, ଜୁନ ୦୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଟ୍ରେନ ଦୁର୍ଘଟଣା: ପ୍ରାରମ୍ଭିକ ଯାଂଚ୍ ରିପୋର୍ଟ ଉପରେ ପ୍ରଶ୍ନ ଉଠାଇଲେ ତଦନ୍ତକାରୀ ଅଫିସର



ବାଲେଶ୍ୱର,୬।୬(ପି.ଏନ): ବାଲେଶ୍ୱର ଜିଲ୍ଲାର ବାହାନଗା ଭୟାବହ ଟ୍ରେନ ଦୁର୍ଘଟଣାର ସିବିଆଇ ତଦନ୍ତ ଆଜିଠୁ ଆରମ୍ଭ ହୋଇଥିବାବେଳେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି । ଦୁର୍ଘଟଣାର କାରଣ ଜାଣିବାକୁ ରେଳବାଇ ପକ୍ଷରୁ ଗଠିତ ୫ଜଣିଆ ତଦନ୍ତକାରୀ କମିଟି ଯେଉଁ ଯାଂଚ୍ ରିପୋର୍ଟ ଦେଇଥିଲେ, ତାହା ଉପରେ ତଦନ୍ତକାରୀ କମିଟିର ସଦସ୍ୟ ଥିବା ବରିଷ୍ଠ ସେକ୍ସନ ଇଞ୍ଜିନିୟର ଏ କେ ମହାନ୍ତ ଅସହମତି ଜଣାଇଛନ୍ତି। ରେଳବାଇର ପ୍ରାରମ୍ଭିକ ତଦନ୍ତରେ ଏହା ସିଗନାଲ ତ୍ରୁଟିଜନିତ ଦୁର୍ଘଟଣା ବୋଲି ଉଲ୍ଲେଖ ରହିଥିଲା । କିନ୍ତୁ ଶ୍ରୀ ମହାନ୍ତ ଏଥିରେ ଅସହମତି ଜଣାଇଛନ୍ତି । ୧୨୮୪୧ କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ଲୁପଲାଇନରେ ପହଂଚ୍ଚିବା ପୂର୍ବରୁ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଶ୍ରୀ ମହାନ୍ତ ଦର୍ଶାଇଛନ୍ତି।

## ୧୨୦୫ ଡାକ୍ତର ପାଇଲେ ନିଯୁକ୍ତିପତ୍ର

ଭୁବନେଶ୍ୱର, ୬।୬(ପି.ଏନ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଛନ୍ତି ୧୨୦୫ ଜଣ ଡାକ୍ତର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ନବନିଯୁକ୍ତ ୧୨୦୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୪ ବର୍ଷ ମଧ୍ୟରେ ୪ ହଜାର ୫୦୦ ମେଡିକାଲ ଅଫିସର ନିଯୁକ୍ତି ପାଇଛନ୍ତି। ଓଡିଶାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରିବା ପାଇଁ ନିକଟରେ ୫ ହଜାର ମେଡିକାଲ ଅଫିସରପଦବୀ ସୃଷ୍ଟି କରାଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଏମବିବିଏସ ପଦବୀ ପୂରଣ ହେବ । ଆଗାମୀ ବର୍ଷରୁ ଓଡ଼ିଶା ବଳକା ଡାକ୍ତର ରାଜ୍ୟ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।

## ଓଡିଶା ଟ୍ରେନ ଟ୍ରାଜେଡି: ସିବିଆଇ ଲଗାଇଥିବା ଦଫାରେ ସର୍ବାଧିକ ୫ ବର୍ଷ ଜେଲ

ଭୁବନେଶ୍ୱର,୬।୬(ପି.ଏନ): ଓଡିଶାର ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଦଶନ୍ଧିର ସବୁଠାରୁ ବଡ ଟ୍ରେନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ସିବିଆଇ। ସିବିଆଇର ଗୋଟିଏ ଟିମ ଆଜି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ଏଫଆଇଆର ରୁଜୁ କରିଛନ୍ତି। ଭୟଙ୍କର ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି।ପୂରା ବିଶ୍ୱ ଏହି ଘଟଣାରେ ମର୍ମାହତ ମଧ ହୋଇଛି। ତେବେ ସିବିଆଇ ଏଫଆଇଆର୍ ?ରେ ଯେଉଁ ସବୁ ଦଫା ଲଗାଇଛି, ସେଥିରେ ଦୋଷୀଙ୍କୁ ମାତ୍ର ୫ ବର୍ଷର ସର୍ବାଧିକ ଜେଲଦଣ୍ଡ ମିଳିବ। ଅର୍ଥାତ ତଦନ୍ତ ବେଳେ ଯଦି ଦୁର୍ଘଟଣାକୁ କେହି



ଜାଣିଶୁଣି ଘଟାଇଥିବା ପ୍ରମାଣ ମିଳେ, ତା'ହେଲେ ତାଙ୍କୁ ବା ସେମାନଙ୍କୁ ସର୍ବାଧିକ ୫ ବର୍ଷ ଜେଲରେ ରହିବାକୁ ପଡିବ।ସିବିଆଇ ରୁଜୁ କରିଥିବା ଏଫଆଇଆରରେ ଆଇପିସିର ଧାରା ୩୩୭, ୩୩୮, ୩୦୪ଏ ଓ ୩୪ ଦଫା ଲାଗିଛି। ସେହିପରି ରେଳବାଇ ଆଇନର ଧାରା ୧୫୩,୧୫୪ ଓ ୧୭୫ ଦଫା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏଫଆଇଆରରେ ରହିଥିବା ରେଳବାଇ ଆଇନ ୧୫୩ ଜରିଆରେ ହିଁ ଦୋଷୀଙ୍କୁ ସର୍ବାଧିକ ୫ ବର୍ଷ ଜେଲଦଣ୍ଡ ମିଳି ପାରିବ। ବାକି ସବୁ ଦଫାରେ ୨ ବର୍ଷ କିମ୍ବା ତା' ଠାରୁ କମ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି।

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ : ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ

ରାଉରକେଲା, ୬।୬(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ବେହେରାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ । ତାଙ୍କର ସୁନ୍ଦରଗଡ଼ ସ୍ଥିତ କାର୍ଯ୍ୟାଳୟ, ସରକାରୀ ବାସଭବନ, ଭଦ୍ରକ ଜିଲ୍ଲା ତିହିଡ଼ି ସ୍ଥିତ ପୈତୃକ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରାଯାଇଛି । ଏହି ଚଢ଼ଉ ବେଳେ ତାଙ୍କର ସ୍ଥାୟୀ ଜମା, ବୀମା, ଆଦିକୁ ମିଶାଇ ମଧ୍ୟାହ୍ନ ସୁଦ୍ଧା ଦେଢ଼ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତି ଠାବ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ସୂଚନା ମିଳିଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗର ଡିଏସପି, ଇନ୍ସପେକ୍ଟର, ସବଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମିଶାଇ ବିଭିନ୍ନ ଟିମ୍ କରାଯାଇ ଚଢ଼ଉ ଜାରୀ ରହିଛି ।

## ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ

ଭୁବନେଶ୍ୱର, ୬।୬(ପି.ଏନ): ଆୟବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ବେହେରାଙ୍କ ସହ ଜଡିତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ତାଙ୍କର ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢଉ କରାଯାଉଛି । ଏହି ଚଢାଉରେ ମୋଟ ୪ ଜଣ ଡିଏସପି, ୧୦ ଜଣ ଇନିସ୍ପେକ୍ଟର, ୪ ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଅଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଫିସ , ଲେଫ୍ରିପଡ଼ା ଅଫିସ ଓ ସରକାରୀ ବାସଭବନ, ସୁନ୍ଦରଗଡ଼ର କେନ୍ଦୁପଡ଼ାରେ ଥିବା ଭଡ଼ା ଘର, ଭଦ୍ରକ ବନ୍ତରେ ଥିବା ପୈତୃକ ଘର, ଭଦ୍ରକ ସିନ୍ଦୋଳରେ ଥିବା ଶ୍ୱଶୁର ଘର ଓ ବନ୍ତ ଛକରେ ଥିବା ତାଙ୍କ ଘରେ ଏକକାଳୀନ ଚଢଉ କରୁଛି ଭିଜିଲାନ୍ସ।

## ଦୁର୍ଘଟଣାକୁ ନେଇ ରାଜନୀତି: ନାପସନ୍ଦ କଲେ ବିଜେପି ଓ ବିଜେଡି, ପ୍ରଶ୍ନ ଉଠାଇଲେ ବିଜୟ



ବାଲେଶ୍ୱର,୬।୬(ପି.ଏନ): ବାଲେଶ୍ୱର ଜିଲ୍ଲାର ବାହାନଗା ଭୟାବହ ଟ୍ରେନ ଦୁର୍ଘଟଣାକୁ ନେଇ ରାଜନୀତିକ ବୟାନବାଜି ଓ ଦୋଷାରୋପ ଜାରି ରହିଥିବାବେଳେ ଉଭୟ ବିଜେପି ଓ ବିଜେଡି ଏହାକୁ ନାପସନ୍ଦ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ତମ ସମନ୍ୱୟ ରକ୍ଷା କରି ସୁନ୍ଦର ଭାବେ ପରିସ୍ଥିତିର ମୁକାବିଲା କରିଛନ୍ତି ବୋଲି ଦୁଇ ଦଳ କହିଛନ୍ତି । ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ବର୍ତ୍ତମାନ ସମୟ ରାଜନୀତି କରିବାର ନୁହେଁ ବରଂ ସମସ୍ତ ମୃତାହତଙ୍କ ସହ ଛିଡା ହେବାର ସମୟ ବୋଲି କହି ସବୁ ଦଳକୁ ଅପିଲ୍ କରିଥିବାବେଳେ ବିଜେଡି ଅନୁରୂପ ଭାବେ ଯେଉଁମାନଙ୍କର ସବୁଥିରେ ରାଜନୀତି କରିବାର ଅଭ୍ୟାସ ସେମାନେ କରନ୍ତୁ ବୋଲି କହି ଟ୍ରେନ ଦୁର୍ଘଟଣାଜନିତ ରାଜନୀତିକ ବୟାନବାଜିରୁ ନିଜକୁ ଦୂରେଇ ରଖିଛି । ମହାରାଷ୍ଟ୍ରର କୋହ୍ଲାପୁର ଗସ୍ତରୁ ଫେରି ଆଜି କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଆହତଙ୍କୁ ଭେଟିବା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବର୍ତ୍ତମାନ ରାଜନୀତି କରିବାର ସମୟ ନୁହେଁ । ଏଥିପାଇଁ ସେ ସବୁ ରାଜନୀତିକ ଦଳକୁ ହାତଯୋଡି ଅନୁରୋଧ କରୁଛନ୍ତି କି ପୀଡିତଙ୍କ ସହ ଛିଡା ହେବାକୁ ପଡିବ । ଏଭଳି ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ ଓ ଶବ୍ଦହୀନ କରିଦେଇଛି । ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ଅନ୍ୟ ଏଜେନ୍ସିଗୁଡିକ ମିଳିତ ଭାବେ ବେଶ୍ ଭଲ କାମ କରୁଛନ୍ତି । ସମସ୍ତ ମୃତକଙ୍କ ଚିହ୍ନଟ ହେଉ ଓ ସେମାନଙ୍କ ପରିବାରକୁ ତାହା ହସ୍ତାନ୍ତର ହେଉ ବୋଲି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛନ୍ତି । ଆହତମାନଙ୍କ ଚିକିତ୍ସା ଠିକ୍ ଚାଲିଛି । ଆହତଙ୍କ ସମ୍ପର୍କୀୟ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ସେ ଆଲୋଚନା କରିଛନ୍ତି । ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି, ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି ।ସେହିପରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଶତାବ୍ଦୀର ସବୁଠୁ ବଡ ବିପର୍ଯ୍ୟୟ ଘଟିଛି । ସମସ୍ତେ ମର୍ମାହତ । ଏ ପରିସ୍ଥିତିରେ ମୃତ୍ୟୁ ସଂଖ୍ୟା ଲୁଚାଇବାର କୌଣସି ଅବକାଶ ନାହିଁ । ଏଭଳି ଗୁଜବକୁ ଗୁରୁତ୍ୱ ଦେବା ଉଚିତ୍ ନୁହେଁ । ଆହତଙ୍କ ଚିକିତ୍ସା, ଶବ ଚିହ୍ନଟକୁ ପ୍ରାଥମିକତା ଦିଆଯାଉଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସୁନ୍ଦର ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି । କିଛି ଲୋକ ସହିପାରୁନାହାନ୍ତି । ଦେଶ ପ୍ରଂଶସା କରୁଛି । ଆଉ କିଛି ଦଳ ସେମାନଙ୍କର ରାଜନୀତି କରିବାର ଅଭ୍ୟାସ, ସେମାନେ କରୁଥାନ୍ତୁ । ଯେକୌଣସି ପ୍ରକାର ତଦନ୍ତ ହେଉ, ସେଥିରେ ଯିଏ ପ୍ରକୃତ ଦୋଷୀ ସିଏ ଧରାପଡନ୍ତୁ ବୋଲି ସମସ୍ତେ ଚାହୁଁଛନ୍ତି । ଏହା ବିଜେଡିର ମଧ ଆଭିମୁଖ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ; ଦୁଇ ଛୁଆଙ୍କୁ ଡାକ୍ତରୀ ପଢ଼ାଇବାକୁ ଖର୍ଚ୍ଚ କରିଛନ୍ତି ୮୨ ଲକ୍ଷ ଟଙ୍କା



ଭୁବନେଶ୍ୱର,୬।୬(ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି ସୁନ୍ଦରଗଡ ଜଡଉର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅଫିସରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ତାଙ୍କର ୭ଟି ଠିକଣାରେ ଏକକାଳୀନ ଚ୍ ?।ଉ କରାଯାଇଥିଲା।ସଞ୍ଜୟ ବେହେରା ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭଦ୍ରକ ସହରର ଜଗନ୍ନାଥପୁରରେ ଏକ ଦୁଇ ମହଲା କୋଠା ରହିଛି। ସେହିପରି ଭଦ୍ରକ ଜିଲ୍ଲା ବନ୍ତରେ ତାଙ୍କର ଗୋଟିଏ ଘର ରହିଛି ଯାହା ଏକ ମହଲା ବିଶିଷ୍ଟ। ଏହି ଘର ଦୁଇଟିର ମୂଲ୍ୟ ସଂପର୍କରେ ଭିଜିଲାନ୍ସ ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ଏନେଇ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ହିସାବ ଜାରି ରହିଛି।ସଞ୍ଜୟଙ୍କର ଭଦ୍ରକ ଓ ଯାଜପୁରରେ ୨ଟି ପ୍ଲଟ ଅଛି। ଭଦ୍ରକ ସହରର ଜଗନ୍ନାଥପୁରରେ ଗୋଟିଏ ପ୍ଲଟ ଥିବା ବେଳେ ଯାଜପୁରର ଚନ୍ଦମା ମୌଜାରେ ଆଉ ଗୋଟିଏ ପ୍ଲଟ ଅଛି। ଏଗୁଡିକର ରେଜିଷ୍ଟରଡ ସେଲ ଡିଡ୍ ୩ ଲକ୍ଷ ୪୦ ହଜାର ଟଙ୍କା ରହିଛି। ତେବେ ଏହି ପ୍ଲଟ ଗୁଡିକର ମୂଲ୍ୟ ବହୁତ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ରେଜିଷ୍ଟ୍ରେସନ ବେଳେ ଜମି ଗୁଡିକର ମୂଲ୍ୟ ଜାଣିଶୁଣି କମ୍ ରଖାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଥିବା ବେଳେ ଏ ଦିଗରେ ତଦନ୍ତ କରୁଛି।ବ୍ୟାଙ୍କ, ଡାକଘର ଓ ବୀମା ଜମା ବାବଦକୁ ପାଖାପାଖି ୧ କୋଟି ୬୭ ଲକ୍ଷ ଟଙ୍କା ରଖିଛନ୍ତି ସଞ୍ଜୟ। ତାଙ୍କ ଘରୁ ୨୦୦ ଗ୍ରାମର ସୁନାଗହଣା ଜବତ କରାଯାଇଛି। ତାଙ୍କର ୨ଟି ଦୁଇ ଚକିଆ ଗାଡି ଥିବା ବେଳେ ୧୦ ଲକ୍ଷ ୫୦ ହଜାର ଟଙ୍କାର ଆସବାପତ୍ର ରହିଛି।ଏହା ବ୍ୟତୀତ ସହକାରୀ ଯନ୍ତ୍ରୀ ସଞ୍ଜୟ ବେହେରା ତାଙ୍କର ଦୁଇ ଛୁଆଙ୍କ ଡାକ୍ତରୀ ପଢ଼ା ପାଇଁ ୮୧ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଯାଞ୍ଚ ବେଳେ ସେମାନେ ଏହି ତଥ୍ୟ ପାଇଥିଲେ।

## ବିଧାନ ପରିଷଦର ୩ ଆସନ ପାଇଁ ହେବ ନିର୍ବାଚ୍ନ: ଘୋଷଣା ହେଲା ତାରିଖ

ନୂଆଦିଲ୍ଲୀ,୬।୬(ପି.ଏନ): କର୍ଣ୍ଣାଟକା ବିଧାନ ପରିଷଦରେ ଖାଲି ପଡିବାକୁ ଯାଉଥିବା ୩ ଆସନ ପାଇଁ ଉପ ନିର୍ବାଚ୍ନ ହେବ। ଜୁନ ୩୦ରେ ପାଇଁ ବିଧାୟକମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଧାନ ପରିଷଦକୁ ପଠାଇବେ।ଜୁନ ମାସରେ ବିଧାନ ପରିଷଦର ୩ ଜଣ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ସାବାଡି ଲକ୍ଷ୍ମଣ ଓ ବାବୁରାଓ ସିଙ୍କ କାର୍ଯ୍ୟକାଳ ଯଥାକ୍ରମେ ଜୁନ ୧୪ ଏବଂ ଜୁନ ୧୭ରେ ଶେଷ ହେବ। ଉଭୟ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚ୍ନରେ ମଧ ଜିତିଥିଲେ।ସେହିପରି ଆର ଶଙ୍କରଙ୍କ କାର୍ଯ୍ୟକାଳ ଜୁନ ୩୦ରେ ଶେଷ ହେବାକୁ ଯାଉଛି। ଏହି ୩ ଆସନ ଖାଲି ପଡିବାକୁ ଯାଉଥିବାରୁ ନିର୍ବାଚ୍ନ କମିଶନର ଆଜି ଭୋଟ ପାଇଁ ତାରିଖ ଘୋଷଣା କରିଛନ୍ତି।

## ଟଙ୍କା ଲୋଭ; ମିଛ ସ୍ତ୍ରୀ ଅଭିନୟ, ମୋ ସମ୍ମାନ ଗଲା



କଟକ,୬।୬(ପି.ଏନ): ସ୍ୱାମୀଙ୍କୁ ମୃତ ଦର୍ଶାଇ ବାହାନଗା ଟ୍ରେନ ଦୁର୍ଘଟଣାରେ ଟଙ୍କା ହାତେଇବା ଉଦ୍ୟମ ଘଟଣାରେ ନୂଆ ଟ୍ୱିଷ୍ଟ । ପତ୍ନୀଙ୍କ ବିରୋଧରେ ଏତଲା ଦେଲେ ସ୍ୱାମୀ ବିଜୟ ଦତ୍ତ। ମାଣିଆବନ୍ଧ ଥାନାରେ ବିଜୟ ଏତଲା ଦେଇଛନ୍ତି । ଟଙ୍କା ଲୋଭରେ ମୃତ ବ୍ୟକ୍ତିଙ୍କୁ ସ୍ୱାମୀ ବନାଇବା ନେଇ ସାଂଘାତିକ ଖେଳ ଖେଳିଛନ୍ତି ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି।ନିଜର ସମ୍ମାନ ହାନି ହେବା ସହ ବଡ଼ମ୍ବା ମାଣିଆବନ୍ଧ ଅଞ୍ଚଳର ସମ୍ମାନ ହାନି ଘଟିଛି। ତେଣୁ ତୁରନ୍ତ ପତ୍ନୀ ଗୀତାଞ୍ଜଳି ଦତ୍ତଙ୍କୁ ଗିରଫ ପାଇଁ ବିଜୟ ଥାନାରେ ଗୁହାରି କରିଛନ୍ତି। ତେବେ ଗତ ୪ ତାରିଖରୁ ପତ୍ନୀ ଗୀତାଞ୍ଜଳି କେଉଁଆଡେ ନିଖୋଜ ହୋଇଯାଇଛନ୍ତି ବୋଲି ସେ ଦର୍ଶାଇଛନ୍ତି ।ଏପଟେ ସେହି ୪ ତାରିଖ ଦିନ ଗୀତାଞ୍ଜଳି ଶବକୁ ନେଇ ସାଂଘାତିକ ଖେଳ ଖେଳିବାକୁ ଯାଇ ଧରାପଡିଥିଲେ । ବାହାନଗା ରେଳ ଦୁର୍ଘଟଣା ପରି ବିପତ୍ତି ସମୟରେ ସହାୟତା ରାଶି ହଡ଼ପ ପାଇଁ ଗୀତାଞ୍ଜଳି ଚକ୍ରାନ୍ତ କରିଥିଲେ । ଟଙ୍କା ପାଇଁ ମୃତ ବ୍ୟକ୍ତିଙ୍କୁ ସ୍ୱାମୀ ବୋଲି ପରିଚୟ ଦେଇଥିଲେ ମହିଳା । ବାଲେଶ୍ୱର ନୋସି ବିଜନେସ ପାର୍କ ପରିସରରେ ଏହି ଘଟଣା ଘଟିଥିଲା ।ଅନେକ ସମ୍ପର୍କୀୟ ମୃତକଙ୍କୁ ଚିହ୍ନଟ କରୁଥିବାବେଳେ ହଠାତ ପହଞ୍ଚି କାନ୍ଦବୋବାଳି କରିଥିଲେ ଗୀତାଞ୍ଜଳି । ନିଜ ସ୍ୱାମୀ କରମଣ୍ଡଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା କହିଥିଲେ । ସ୍ୱାମୀ ବିଜୟ ଦତ୍ତଙ୍କର ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ମିଛ କହିଥିଲେ। ଏମିତିକି ଏକ ଶବ ଉପରୁ ଧଳା କପଡ଼ା ଉଠାଇ ନିଜ ସ୍ୱାମୀ ବୋଲି ଦର୍ଶାଇଥିଲେ ।ପରେ ସ୍ୱାମୀଙ୍କ ଆଧାରକାର୍ଡ ସହିତ, ପୂର୍ବ ଫଟୋ, ଏବଂ ସ୍ୱାମୀଙ୍କ ନାମ ଥାଇ ଆଧାର କାର୍ଡ ମାଗିବା ପରେ ଅକଳରେ ପଡ଼ିଯାଇଥିଲେ। ପଚ୍‌ରାଉଚ୍‌ରା ପରେ ଗୀତାଞ୍ଜଳିଙ୍କର ଚାଲବାଜି ଧରାପଡ଼ିଯାଇଥିଲା। ପରେ ଜିଆରପି ତାଙ୍କୁ ଅଟକ ରଖିଥିବାବେଳେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ସେ।

## ଏସସିବିରେ ଆହତଙ୍କୁ ଭେଟିଲେ ମମତା ବାନାର୍ଜୀ

କଟକ/ଭୁବନେଶ୍ୱର, ୬।୬(ପି.ଏନ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଦିନ ବାହାନଗାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ଲୋକଙ୍କୁ ଭେଟିଛନ୍ତି। ଆହତମାନଙ୍କୁ ଭେଟି ଫେରିବା ବେଳେ ମମତା ଗଣମାଧ୍ୟମକୁ କହିଥିଲେ ଯେ ଦୁର୍ଘଟଣାଗ୍ରସ୍ତ ଟ୍ରେନରେ ଥିବା ତାଙ୍କ ରାଜ୍ୟର ୩୧ ଜଣ ଲୋକ ନିଖୋଜ ଅଛନ୍ତି। ସେମାନଙ୍କ ସଂପର୍କରେ କିଛି ସୂଚନା ମିଳୁନାହିଁ। ପଶ୍ଚିମବଙ୍ଗର ୧୦୩ ଜଣଙ୍କ ମୃତଦେହକୁ ଚିହ୍ନଟ କରାଯାଇଛି। ୮୭ଟି ମୃତଦେହ ପଶ୍ଚିମବଙ୍ଗରେ ପହଂଚି ସାରିଛି। ଓଡ଼ିଶାର ବିଭିନ୍ନ ମେଡିକାଲରେ ଏବେ ବି ୯୭ ଜଣ ଚିକିତ୍ସାଧୀନ ଅଛନ୍ତି। କେବଳ ଏସସିବିରେ ୫୩ ଜଣ ଚିକିତ୍ସିତ ହେଉଛନ୍ତି ବୋଲି ମମତା କହିଛନ୍ତି। ଏଥିସହ ଏସସିବିରେ ଆହତଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମମତା ଧନ୍ୟବାଦ ଦେଇଛନ୍ତି। ଏଥିପାଇଁ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ ଟ୍ରେନ୍ ଦୁର୍ଘଟଣାର ତଦନ୍ତ ସିବିଆଇ କରୁଛି। ସତ ସାମ୍ନାକୁ ଆସୁ ବୋଲି ସେ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ହେଲିକାପ୍ଟର ଯୋଗେ ସିଧାସଳଖ କଟକ ରେଭେନ୍ସା ହେଲିପ୍ୟାଡ୍ ରେ ପହଂଚିଥିଲେ। ସେଠାରୁ ସଡକପଥରେ ଏସସିବି ଯାଇ ଆହତଙ୍କୁ ଭେଟିଥିଲେ ମମତା। ସୂଚନାଯୋଗ୍ୟ ଯେ ବାହାନଗା ଟ୍ରେନ୍ ଦୁର୍ଘଟଣାପରେ ମମତାଙ୍କର ଏହା ଦ୍ୱିତୀୟ ଓଡିଶା ଗସ୍ତ। ଏହି ଦୁର୍ଘଟଣାରେ ପଶ୍ଚିମବଙ୍ଗର ବହୁଲୋକ ମୃତାହତ ହୋଇଛନ୍ତି।

## ଲକ୍ଷ ଲକ୍ଷ ବିଦ୍ୟୁତ ଗ୍ରାହକଙ୍କୁ ଶୋଷଣ କରୁଛି ଟାଟା ପାୱାର :କଂଗ୍ରେସ

ଭୁବନେଶ୍ୱର, ୬।୬(ପି.ଏନ): ଓଡ଼ିଶାର ବିଦ୍ୟୁତ ବିତରଣ ଦାୟୀତ୍ୱରେ ଥିବା ଟାଟା ପାୱାର କମ୍ପାନୀ ଦୀର୍ଘ ବର୍ଷ ବର୍ଷ ଧରି ଓଡ଼ିଶାର ବିଦ୍ୟୁତ ଉପଭୋକ୍ତମାନଙ୍କୁ ଶୋଷଣ କରିଚାଲିଛି । ଏକଥା ରାଜ୍ୟସରକାରଙ୍କର ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ଗ୍ରୀଡ଼କୋର ପଦାଧିକାରୀ, ଓଇଆରସିର ଚେୟାରମାନ୍ୟ ତଥା ସଦ୍ୟମାନଙ୍କୁ ଜଣାଥିଲେ ସୁଦ୍ଧା ସେମାନଙ୍କର ଦୀର୍ଘକାଳୀନ ମୌନବ୍ରତ ଟାଟା ପାୱାରକୁ ଅଧିକ ଶୋଷଣ କରିବାପାଇଁ ପ୍ରୋତ୍ସାହିତ କରୁଛି ବୋଲି ପ୍ରଦେଶ କଂଗ୍ରେସ ପକ୍ଷରୁ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତର ଅଭିଯୋଗ ବାଢ଼ିଛନ୍ତି। ଟାଟା ପାୱାର କମ୍ପାନୀକୁ ରାଜ୍ୟ ସରକାର ଓଡ଼ିଶାର ବିଦ୍ୟୁତ ବିତରଣ ଦାୟୀତ୍ୱ ଦେବାପୂର୍ବରୁ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତମାନଙ୍କୁ ପ୍ରଥମ ୧୦୦ ୟୁନିଟ ପର୍ଯ୍ୟନ୍ତ ଏକ ସର୍ବନିମ୍ନ ୟୁନିଟ୍‌ପିଛାରେ ଲାଗୁ ହେଉଥିଲା। ଯାହାକି ସେତେବେଳେ ଟ.୨.୫୦ ପଇସା ଥିଲା। କିନ୍ତୁ ଟାଟା ପାୱାର ବିତରଣ ଦାୟୀତ୍ୱ ନେବାପରେ ପ୍ରଥମ ସ୍ଲାବ ଯାହକି ୧ ରୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଥିଲା ତାହାକୁ କମାଇ ଦିଆଯାଇ ୧ରୁ ୫୦ ୟୁନିଟ ପର୍ଯନ୍ତ କରାଗଲା ଏବଂ ୟୁନିଟ ପିଛା ଦରବୃଦ୍ଧି ଟ. ୩.୫୦ ପଇସା କରାଗାଲା। ତଦ୍ୱାରା ଓଡ଼ିଶାର ଲକ୍ଷଲକ୍ଷ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଜନବିରୋଧି ନିଷ୍ପତି ଯୋଗୁଁ ଟାଟା ପାୱାର ଶୋଷଣ କରିଚାଲିଲା। ପ୍ରତମାସ ୩୦ ଦିନ ପରେ ମିଟର ରିଡିଂ କରିବା ପରିବର୍ତେ ଟାଟାପାୱାର ଜାଣିସୁଣି ୧୦ ଦିନ ବିଳମ୍ବରେ ମିଟର ରିଡିଂ କରୁଛନ୍ତି ଯଦ୍ୱାରା ଉପଭୋକ୍ତାମାନଙ୍କୁ ମିନିୟମ ସ୍ଲବ ରେଟ ପରିବର୍ତେ ୫୦ରୁ୧୦୦ ୟୁନିଟ୍ ସ୍ଲାବର ଦର ଅନୁସାରେ ଆଦାୟ କରାଯାଉଛି। ଯଦ୍ୱାରକି ଟାଟା ପାୱାର ଓଡ଼ିଶାର ପ୍ରତି ମାସରେ ଶହ ଶହ କୋଟି ଟଙ୍କାର ମୁନାଫା କମାଉଛି। ଏକଥାକୁ ଖୋଦ ରାଜ୍ୟ ସରକାର ଓ ତାଙ୍କ ତଥାକଥିତ ଟ୍ରାନଫରମେସନ ବିଭାଗ ଜାଣିଥିଲେ ମଧ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ପରିବର୍ତେ ଏ ସମସ୍ତେ ଟାଟା ପାୱାର ଗୋଲାମଗିରି କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଅଭିଯୋଗ କରିଛନ୍ତି। ପଂଚାନନ କାନୁନଗୋ ବିଦ୍ୟୁତ ବିତରଣ ଓ ଦରଧାର୍ଯ୍ୟର ସ୍ୱଚ୍ଛତାକୁ ନେଇ ୫ଟି ଗୁରତ୍ୱପୂର୍ଣ୍ଣ ପ୍ରଶ୍ନ ସରକାରଙ୍କୁ ପଚାରିଛନ୍ତି। କାହା ସ୍ୱାର୍ଥରେ ସର୍ବନିମ୍ନ ୟୁନିଟ ୧୦୦ ପରିବର୍ତେ ୫୦କୁ କମାଇ ଦିଆଗଲା ଏହାର ଉତର ମନ୍ତ୍ରୀ ଉତର ଦେବେକି ?ମିନିମମ ଫିକ୍ସ ଚାର୍ଜେସ କିଲୋୱାଟ ପ୍ରତି ଆଦାୟ କରାଯାଉଥିଲା ବେଳେ ପ୍ରକୃତରେ ଗ୍ରାହକ କମ କିଲୋୱାଟ ବିଦ୍ୟୁତ ଖର୍ଚ୍ଚ କରୁଥିଲା ବେଳେ ସରକାର ପ୍ରଥମରୁ ଦିଆଯାଇଥିବା ଡିମାଣ୍ଡ ଅନୁସାରେ ଆଦାୟ କରିବା ଏ ସରକାରଙ୍କ ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ।ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ହୋଇଥିଲେ ମଧ କାହିଁକି ଏବଂ କେଉଁ କାରଣରୁ ଓଡ଼ିଶାର ବିଦ୍ୟୁତ ଦର ୟୁନିଟ ପିଛା ଏତେ ଅଧିକ କାହିଁକି ? ଓଡ଼ିଶାର ଚାଷୀଭାଇ ମାନଙ୍କୁ ତାଙ୍କର ସମସ୍ତ ବିଦ୍ୟୁତ ଦେୟ ଛାଡ଼ କରାଯିବାର ପ୍ରତିଶୃତି ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରି ହୋଇପାରିଲା ନାହିଁ ଏଥିପାଇଁ କ'ଣ କଂଗ୍ରେସ ଦାୟୀକି ? ବିତରକ କମ୍ପାନୀ ପ୍ରୀତିରେ ରାଜ୍ୟ ସରକାର ଯେଉଁ ହଜାର ହଜାର କୋଟି ଟଙ୍କା ପୁଞ୍ଜି ଯୋଗାଇ ଦେଇଛନ୍ତି ତଦ୍ୱାରା ଆଜି ପର୍ଯ୍ୟନ୍ତ କେତେ ଯାଗାରେ ଟ୍ରାନ୍ସଫରମର, ଇଲେକ୍ଟ୍ରି ପୋଲ, ତାର ଇତ୍ୟାଦି ନୂଆ ଲଗାଯାଇଛି ତାର ହିସାବ ଦେବେକି ? ଏ ସମସ୍ତ ଉତର ସରକାର ଜନସାଧାରଣଙ୍କ ସାମନାରେ ଏକ ଶ୍ୱେତପତ୍ର ମାଧ୍ୟମରେ ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ଓଡିଶା ଟ୍ରେନ ଟ୍ରାଜେଡି: ଗଦା ଗଦା ଶବ ଭିତରୁ ହଠାତ୍ କେହି ଉଦ୍ଧାରକାରୀ ଦଳର ଗୋଡ ଟାଣିଲା



ଭୁବନେଶ୍ୱର,୬।୬(ପି.ଏନ): ଓଡିଶାର ବାଲେଶ୍ୱର ଜିଲ୍ଲା ଟ୍ରିପଲ ଟ୍ରେନ ଟ୍ରାଜେଡି ଯେତିକି ଭୟଙ୍କର ଥିଲା ସେତିକି ହୃଦୟବିଦାରକ ମଧ। ଦୁର୍ଘଟଣାରେ ୨୮୮ ଜଣ ପ୍ରାଣ ହରାଇଥିବା ବେଳେ ୧୧ ଶହ ଲୋକ ଆହତ ହୋଇଛନ୍ତି ।ତେବେ ଟ୍ରେନ ଦୁର୍ଘଟଣାକୁ ନେଇ ପ୍ରତିଦିନ ନୂଆ ନୂଆ ଖବର ଆସିବାରେ ଲାଗିଛି। କେହି କେହି ନିଜ ପରିବାର ଲୋକଙ୍କୁ ପାଉ ନଥିବା ବେଳେ ଆଉ କେହି ଗଦାଗଦା ମୃତଦେହ ଭିତରୁ ନିଜର ପ୍ରିୟଜନଙ୍କୁ ଖୋଜି ପାଇବାକୁ ସକ୍ଷମ ହେଉଛନ୍ତି। ସେହିପରି ଉଦ୍ଧାରକାରୀ ଦଳ ଯାହାଙ୍କୁ ମୃତ ଭାବି ଶବାଗାରରେ ରଖି ଦେଉଛନ୍ତି, ବାସ୍ତବରେ ସେମାନଙ୍କ ପ୍ରାଣରୁ ପିଣ୍ଡ ଅଲଗା ହୋଇଛି ତ ବୋଲି ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।





# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ୍ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

# 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁନ ୦୭

# ଅଲାରନାଥ ମନ୍ଦିର

**ସୌର ଚନ୍ଦ୍ର ମହାପାତ୍ର**

ବୈଚିତ୍ରମୟ ମହାପ୍ରଭୁଙ୍କ ଲୀଳା ବାସ୍ତବିକ ଅବର୍ଣ୍ଣନୀୟ । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପଡ଼ିଥାଏ ସ୍ନାନ ଯାତ୍ରା । ମହାପ୍ରଭୁ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହିଥିବା ବେଳେ ପନ୍ଦର ଦିନ ଧରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି କୋଟି କୋଟି ଭକ୍ତଜନ । ତେଣୁ ଏହି ଦୁଃଖକୁ ବିମୋଚନ କରିବା ଲାଗି ଅଲାରନାଥ ମନ୍ଦିରକୁ ଯାତ୍ରା କରିଥାନ୍ତି ଜଗନ୍ନାଥପ୍ରେମୀ ଭକ୍ତଜନମାନେ । କଥିତ ଅଛି ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ କରିବା ଦ୍ୱାରା ଅଶେଷ ପୁଣ୍ୟ ଫଳ ମିଳିଥାଏ । ତେଣୁ ଏହି ସମୟରେ ବ୍ରହ୍ମଗିରିର ଅଲାରନାଥଙ୍କ ମନ୍ଦିରରେ ପ୍ରବଳ ଜନାସମାଗମ ହୋଇଥାଏ । ଅଲାରନାଥ କ୍ଷେତ୍ରଟି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇନାହିଁ । ଏହା ପୁରୀ ଠାରୁ କୋଡ଼ିଏ କିଲୋମିଟର ଦୂର । ଭଗବାନ ବିଷ୍ଣୁଙ୍କ ଚଳନ୍ତି ପ୍ରତୀମା ହେଉଛନ୍ତି ଭଗବାନ ଅଲାରନାଥ । ଐତିହାସିକ ଓ ପୌରାଣିକର ଲୋକ କାହାଣୀ ଅନୁଯାୟୀ ଶ୍ରୀକ୍ଷେତ୍ର ରହଣି ସମୟରେ ଶ୍ରୀଚୈତନ୍ୟ ମହାପ୍ରଭୁ ଅଣସର ସମୟରେ ଜଗନ୍ନାଥଙ୍କୁ ଦର୍ଶନରୁ ବଞ୍ଚିତ ହୋଇ ତାଙ୍କ ହୃଦୟ କ୍ଷତବିକ୍ଷତ ହୋଇଥିଲା । ମହାପ୍ରଭୁଙ୍କ ଦର୍ଶନ ନ ପାଇ ସେ ବିରହ ଦୁଃଖରେ ମ୍ରିୟମାଣ ହୋଇପଡ଼ି ଅହର୍ନିଶ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଚାଲିଥିଲେ । ତାଙ୍କ ଦୁଃଖକୁ ଦୂରେଇ ଭକ୍ତବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ପୀଠରେ ଦର୍ଶନ କରିପାରିବେ ବୋଲି କହିଥିଲେ । ସେହି ପରମ୍ପରା ଅନୁସାରେ ଅଣସର ସମୟରେ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବାର ପ୍ରାଚୀନ ପରମ୍ପରା ଏଯାବତ୍ ଗଡ଼ି ଆସିଛି । ଐତିହାସିକ ତଥ୍ୟ ଅନୁଯାୟୀ ଏଗାର ଶହ ବର୍ଷ ପୂର୍ବେ ଏହି ଅଲାରନାଥ ମନ୍ଦିର ନିର୍ମାଣ ହୋଇଥିଲା । ଦକ୍ଷିଣ ଭାରତର ଅଲବାର ନାମକ ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁଙ୍କ ଶିଷ୍ୟମାନେ ଏହି ମନ୍ଦିର ନିର୍ମାଣ କରିଥିଲେ । ଦକ୍ଷିଣ ଭାରତର ବ୍ରାହ୍ମଣମାନଙ୍କ ଦ୍ୱାରା ମହାପ୍ରଭୁ ଅଲାରନାଥଙ୍କ ସେବା ପୂଜା ଚଳି ଆସୁଛି । ମୁଗୁନି ପଥରରେ ନିର୍ମିତ ମହାପ୍ରଭୁ ଅଲାରନାଥଙ୍କ ଦୁଇପାର୍ଶ୍ୱରେ ବ୍ରହ୍ମା ଓ ଶଙ୍କର ପୂଜା ପାଉଛନ୍ତି । ପ୍ରତ୍ୟୁଷ ଛଅଟାରୁ ରାତ୍ରି ସାଢ଼େ ନଅଟା ପର୍ଯ୍ୟନ୍ତ ମହାପ୍ରଭୁ ଦର୍ଶନ ଦେଇଥାନ୍ତି । ପ୍ରାତଃ ସମୟରେ ମହାପ୍ରଭୁ ଅଲାରନାଥଙ୍କୁ ବାଲଭୋଗ, ମଧ୍ୟାହ୍ନରେ ଶଙ୍କୁଳି ଭୋଗ ଯେଉଁଥିରେ ଅନ୍ନ, ଡାଲି, ପନିପରିବାର ତରକାରୀ ସହ କ୍ଷୀରି ନୈବେଦ୍ୟ ଭାବରେ ସମର୍ପଣ କରାଯାଇଥାଏ ଓ ରାତ୍ର ସମୟରେ ପିଠା, ମିଠା, ଖେଚୁଡ଼ି ଓ ଭୋଗ ଆଦିକୁ ନେଇ ରାତ୍ର ଭୋଗ ନୈବେଦ୍ୟ ସମର୍ପିତ ହୋଇଥାଏ । ପୌରାଣିକ କାହାଣୀର ତଥ୍ୟ ଅନୁଯାୟୀ ସତ୍ୟ ଯୁଗ ସମୟରେ ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ସାନ୍ନିଧ୍ୟ ପାଇଁ ଘୋର ତପସ୍ୟା ଆରମ୍ଭ କରିଥିଲେ । ବ୍ରହ୍ମାଙ୍କ କଷ୍ଟକର ତପସ୍ୟା ଓ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଚର୍ତୁଭୁଜ ରୂପଧାରୀ ବିଷ୍ଣୁ ଦର୍ଶନ ଦେଇ 'ତୁମ ତପସ୍ୟାରେ ମୁଁ ସନ୍ତୁଷ୍ଟ । ତୁମେ ମୋର ଏକ ଚର୍ତୁଭୂଜ ମୂର୍ତ୍ତି ନିର୍ମାଣ କରି ପୂଜାର୍ଚ୍ଚନା କର' । ଭଗବାନଙ୍କ ଆଜ୍ଞାପାଳନ କରି ବ୍ରହ୍ମା କଳାମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତୀମା ନିର୍ମାଣ କରି ପୂଜାର୍ଚ୍ଚନା କରିଥିଲେ । ବିଷ୍ଣୁଙ୍କୁ ପ୍ରାପ୍ତି ପାଇଁ ବ୍ରହ୍ମା ତପସ୍ୟା କରିଥିବା ସ୍ଥାନଟି ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ନାମରେ ପରିଚିତ ହୋଇଥିଲା । ଆଉ ବିଷ୍ଣୁଙ୍କ ଚଳନ୍ତି ପ୍ରତୀମା ଆଜିର ବ୍ରହ୍ମଗିରିସ୍ଥିତ ଅଲାରନାଥ ଭାବରେ ଚିରକାଳ ବିଖ୍ୟାତ ହୋଇରହିଛି । ସେହିପରି ଆଉ ଏକ ପୌରାଣିକ କିମ୍ବଦନ୍ତୀର କାହାଣୀ କୁହଯେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସେ ମନ୍ଦିର ପ୍ରତିଷ୍ଠା କରିବା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ । ସେ ପ୍ରଥମେ ମର୍ତ୍ତ୍ୟଭୂମିର ଯେଉଁ ସ୍ଥାନରେ ପାଦ ଦେଇଥିଲେ ତାହାଥିଲା ବ୍ରହ୍ମଗିରି । ଆଉ ପ୍ରଥମେ ଯେଉଁ ସ୍ଥାନରେ ସେ ବିଷ୍ଣୁଙ୍କର ପୂଜାର୍ଚ୍ଚନା କରିଥିଲେ ପରବର୍ତ୍ତୀ ସମୟରେ ତାହା ଅଲାରନାଥ ନାମରେ ବିଖ୍ୟାତ ହେଲା । ପୁରୀର ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠ ଏଯାବତ୍ ପର୍ଯ୍ୟଟନୀ ସ୍ଥଳୀର ମାନ୍ୟତାରୁ ବଞ୍ଚିତ ହୋଇଛି । ଅଣସର ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ପୀଠକୁ ଜନସମୁଦ୍ର ଭାବରେ ଛୁଟୁଥିଲେ ବି ଗମନାଗମନ, ବିଶ୍ରାମ, ରହଣି ପାଇଁ ସେପରି କିଛି ଆଖି ଦୃଶିଆ ବ୍ୟବସ୍ଥା ନାହିଁ । ପ୍ରଚାର ଓ ପ୍ରସାର ଅଭାବରୁ ଭାରତର ଏହି ପ୍ରମୁଖ ପୀଠସ୍ଥଳୀଟି ଦୂରଦୂରାନ୍ତର ଜଗନ୍ନାଥପ୍ରେମୀଙ୍କ ଦୃଷ୍ଟିଆଢୁଆଳରେ ରହିଯାଇଛି । ମହାପ୍ରଭୁ ଅଲାରନାଥଙ୍କ ସବୁଠାରୁ ପ୍ରିୟ କ୍ଷୀରି ପାଇବା ପାଇଁ ଭକ୍ତଜନଙ୍କ ଭିତରେ ଅହେତୁକ ଶ୍ରଦ୍ଧା ରହୁଥିଲେ ବି ଏହାକୁ ମହାପ୍ରସାଦ ପରି ଦୂରଦୂରାନ୍ତକୁ ନେବା ପାଇଁ ସେପରି କିଛି ବ୍ୟବସ୍ଥା ନାହିଁ । ବ୍ରହ୍ମଗିରିର ଅଲାରନାଥ ପୀଠକୁ ଯାତାୟତ ପାଇଁ ସେପରି କିଛି ସିଧାସଳଖ ଗାଡ଼ିର ବ୍ୟବସ୍ଥା ନାହିଁ । ଦୂରଦୂରାନ୍ତର ଯାତ୍ରୀଙ୍କ ରହଣି ପାଇଁ ମଧ୍ୟ ସେପରି ଆଶ୍ରୟସ୍ଥଳ ବା ଧର୍ମଶାଳା କିମ୍ବା ସରକାରୀ ରହଣୀ ବ୍ୟବସ୍ଥା ନାହିଁ । ତେବେ ଯାହାହେଉନା କାହିଁକି ମହାପ୍ରଭୁ ଜଗନ୍ନାଥଙ୍କ ଅଣସର ସମୟରେ ଏହି ପୀଠଟି ଲୋକାରଣ୍ୟ ହୋଇଥାଏ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ରାମାୟଣର ୧୧ଟି ସ୍ତମ୍ଭ



ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଯୁଗ ଯୁଗ ଧରି ରାମାୟଣ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କୁ ନିଜ ଦିବ୍ୟମୟ ଜୀବନ ପାଇଁ ରାସ୍ତା ଦେଖାଉଛି । ସେହିପରି ରାମାୟଣ ସହିତ ଏଗାଟି କ୍ଷେତ୍ର, ଘଟଣାବଳୀ ସଂଯୋଗ ହୋଇ ରହିଛି । ଏହାରି ଉପରେ ଆସନ୍ତୁ ଆଲୋକପାତ କରିବା ।

ଅଯୋଧ୍ୟା : ଅଯୋଧ୍ୟା ହେଉଛି ସେହି ନଗରୀ, ଯେଉଁଠାରେ ଭଗବାନ ରାମ ମନୁଷ୍ୟ ଶରୀର ଧରି ଜନ୍ମ ହୋଇଥିଲେ ଏବଂ ସେହି ସ୍ଥାନ ଯେଉଁଠାରୁ ତାଙ୍କର ୧୪ ବର୍ଷର ବନବାସ ଆରମ୍ଭ ହୋଇଥିଲା । ଅଯୋଧ୍ୟା କୋଶଳ ରାଜ୍ୟର ରାଜଧାନୀ ଥିଲା । ଏହି ରାଜ୍ୟର ଇକ୍ଷାକୁ ରାଜବଂଶରେ ଭଗବାନ ରାମ ଜନ୍ମଗ୍ରହଣ କରିଥିଲେ । ଅଯୋଧ୍ୟାର ଦକ୍ଷିଣ ଭାଗର ଶେଷ ଅଂଶରେ ଥିବା ରାମକୋଟ ହିଁ ଭଗବାନ ରାମଙ୍କ ଅନ୍ତୁଡ଼ିଶାଳ ।

ଜନକପୁର : ଜନକପୁର ହେଉଛି ରାମାୟଣର ସେହି ସ୍ଥାନ ଯେଉଁଠାରେ ମା'ସୀତା ଜନ୍ମ ନେଇଥିଲେ ଏବଂ ଭଗବାନ ରାମଙ୍କୁ ବିବାହ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ଜନକପୁରର ରାଜା ଜନକ ମରୁଡ଼ିରୁ ରକ୍ଷା ପାଇବା ପାଇଁ ଏହି ଜମି କର୍ଷଣ କରିଥିଲେ ଏବଂ କର୍ଷଣ ସମୟରେ ମାଟି ଭିତରୁ ଏକ ପେଡ଼ି ପାଇଥିଲେ, ଯେଉଁଥିରେ ସୀତା ଥିଲେ । ସେହି କାରଣରୁ ଏହାକୁ ସୀତାମାଢ଼ି ମଧ୍ୟ କୁହାଯାଏ ।

ପ୍ରୟାଗ : ଭଗବାନ ରାମ ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ଏହି ସ୍ଥାନରୁ ଗଙ୍ଗାନଦୀ ପାର ହୋଇଥିଲେ ନିଜ ରାଜ୍ୟର ସୀମା ବାହାରକୁ ଯିବା ପାଇଁ । ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହି ତିନିଜଣ ଆଗକୁ ଯିବା ପୂର୍ବରୁ ଋଷି ଭରଦ୍ୱାଜଙ୍କ ଆଶ୍ରମରେ କିଛି ସମୟ କଟାଇଥିଲେ ।

ଚିତ୍ରକୂଟ : ଏହି ସ୍ଥାନ ରାମାୟଣରେ ରାମ ଓ ଭରତଙ୍କ ମିଳନର ସ୍ଥଳ ଭାବରେ ବର୍ଣ୍ଣିତ । ଏହି ସ୍ଥାନରେ ଭରତ ଭଗବାନ ରାମଙ୍କୁ ଦଶରଥଙ୍କ ପରଲୋକ ସମ୍ପର୍କରେ ସୂଚନା ଦେବା ସହ ଅଯୋଧ୍ୟା ଫେରି ରାଜ୍ୟ ଶାସନ ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଯେତେବେଳେ ରାମ ୧୪ ବର୍ଷ ବନବାସ ପାଇଁ ଅଟଳ ରହିଲେ ସେତେବେଳେ ସେ ଏହିଠାରେ ହିଁ ରାମଙ୍କ ପାଦୁକା ଗ୍ରହଣ କରିଥିଲେ ଏବଂ ରାମ ଅଯୋଧ୍ୟାକୁ ଫେରିବା ପର୍ଯ୍ୟନ୍ତ ଏହି ପାଦୁକାକୁ ରାଜ ସିଂହାସନରେ ସ୍ଥାପନ କରିଥିଲେ ।

ଦଣ୍ଡକାରଣ୍ୟ : ଦଣ୍ଡକାରଣ୍ୟ ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହିଠାରେ ରାବଣର ଭଉଣୀ ସୁପର୍ଣ୍ଣଖା ରାମଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲା । କିନ୍ତୁ ଯେତେବେଳେ ରାମ ତାକୁ ସ୍ୱୀକାର କରିବାକୁ ମନା କରିଦେଲେ ସେ ନିଜ ଅନ୍ୟ ଦୁଇଭାଇ ଖର ଏବଂ ଦୁଷଣଙ୍କୁ ରାମଙ୍କୁ ଆକ୍ରମଣ ପାଇଁ ପଠାଇଥିଲା, ଯେଉଁମାନେ କି ରାମଙ୍କ ସହ ଯୁଦ୍ଧରେ ପ୍ରାଣ ହରାଇଥିଲେ । ହିନ୍ଦୁ ପୁରାଣ ଅନୁଯାୟୀ ଏହି ସ୍ଥାନ ଗୁରୁତ୍ୱପୂର୍ଣ୍ଣ, କାରଣ ମନୁଷ୍ୟ ନିଜର କୁକର୍ମ ପାଇଁ ପ୍ରାୟଶ୍ଚିତ କରିବା ନିମନ୍ତେ ଏହି ସ୍ଥାନକୁ ସର୍ବୋତ୍ତମ ବିବେଚିତ କରାଯାଏ । ବର୍ତ୍ତମାନ ରାମାୟଣ ବର୍ଣ୍ଣିତ ଘୋର ଜଙ୍ଗଲ ଦଣ୍ଡକାରଣ୍ୟ ରହିଛି ଛତିଶଗଡ଼-ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ମିଳିତ ଭାବରେ ।

ପଞ୍ଚବଟୀ : ଦଣ୍ଡକାରଣ୍ୟ ଜଙ୍ଗଲ ମଧ୍ୟରେ ଯେଉଁ ସ୍ଥାନରେ ଭଗବାନ ରାମ ଏକ କୁଟୀର ସ୍ଥାପନ କରି ପତ୍ନୀ ସୀତା ଏବଂ ଭାଇ ଲକ୍ଷ୍ମଣଙ୍କ ସହ ରହୁଥିଲେ ବନବାସ କାଳରେ ସେହି ସ୍ଥାନ ରାମାୟଣରେ ପଞ୍ଚବଟୀ ଭାବରେ ବର୍ଣ୍ଣିତ । ଏହି ସ୍ଥାନକୁ ତପବନ ମଧ୍ୟ କୁହାଯାଏ ।

କିଷ୍କିନ୍ଧା : ରାମାୟଣରେ ଏହା ବାନରମାନଙ୍କ ରାଜ୍ୟ ଭାବରେ ବର୍ଣ୍ଣିତ । ଏହି ସ୍ଥାନର ବର୍ଣ୍ଣନା ରାମାୟଣ ସହ ମହାଭାରତରେ ମଧ୍ୟ ନିଖୁଣ ଭାବରେ ରହିଛି । ବର୍ତ୍ତମାନ ଏହି ବାନରଙ୍କ ରାଜ୍ୟ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ତୁଙ୍ଗଭଦ୍ରା ନଦୀ ଆଖପାଖରେ ରହିଛି ।

ଋଷ୍ୟମୁଖ ପର୍ବତ : ରାମାୟଣରେ ଏହା ରାମଙ୍କ ସହ ହନୁମାନଙ୍କ ଭେଟସ୍ଥଳୀ । ଯେତେବେଳେ ରାମ ଏବଂ ଲକ୍ଷ୍ମଣ ଅପହୃତା ସୀତାଙ୍କୁ ଖୋଜି ଖୋଜି ଏଠାରେ ପହଞ୍ଚିଥିଲେ ସେତେବେଳେ ହନୁମାନଙ୍କ ସହ ତାଙ୍କର ଭେଟ ହୋଇଥିଲା । ଏହି ଋଷ୍ୟମୁଖ ପର୍ବତରେ ସୁଗ୍ରୀବ ଏବଂ ହନୁମାନ ବାଳୀକୁ ଭୟ କରି ଲୁଚିଥିଲେ । ଋଷ୍ୟମୁଖ ପର୍ବତ ସହ ସଲଗ୍ନ ହୋଇ ରହିଛି ଅଞ୍ଜନେୟ ପର୍ବତ । ରାମାୟଣରେ ଏହି ପର୍ବତର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି, କାରଣ ଏହି ପର୍ବତରେ ହନୁମାନ ଜନ୍ମ ନେଇଥିଲେ ।

ରାମେଶ୍ୱରମ୍ : ରାମାୟଣରେ ବର୍ଣ୍ଣିତ ଏହି ସ୍ଥାନରୁ ବାନରସେନା ରାମ ଲଙ୍କାରେ ପହଞ୍ଚିବା ପାଇଁ ରାମସେତୁ ନିର୍ମାଣ ଆରମ୍ଭ କରିଥିଲେ । ବିଶ୍ୱାସ କରାଯାଏ ଲଙ୍କାରୁ ଫେରିବା ପରେ ଦେବୀ ସୀତା ଏଠାରେ ଏକ ଶିବଲିଙ୍ଗ ସ୍ଥାପନ କରିଥିଲେ । ଏହିଠାରେ ରାମ ତାଙ୍କୁ ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ କରିବା ପାଇଁ ଶିବଙ୍କୁ ଆରାଧନା କରିଥିଲେ । ରାମେଶ୍ୱରମ୍‌ର ରାମସେତୁ ଚୂନ ପଥରର ଏକ ଶୃଙ୍ଖଳ । ଯାହାକି ତାମିଲନାଡୁର ରାମେଶ୍ୱରମ୍ ଉପଦ୍ୱୀପ ଏବଂ ଶ୍ରୀଲଙ୍କାର ମାନାର ଦ୍ୱୀପକୁ ସଂଯୁକ୍ତ କରିଛି ।

ଅଶୋକ ବାଟିକା : ଅଶୋକ ବାଟିକା ରାମାୟଣରେ ବର୍ଣ୍ଣିତ ଏକ ପୁଷ୍ପ ଉଦ୍ୟାନ । ଏହି ଉଦ୍ୟାନ ଥିଲା ରାକ୍ଷସରାଜ ରାବଣଙ୍କର । ସୀତାଙ୍କୁ ପଞ୍ଚବଟୀରୁ ଅପହରଣ କରି ଆଣିବା ପରେ ରାବଣ ତାଙ୍କୁ ଏହି ସ୍ଥାନରେ ରଖିଥିଲା । ସୀତା ରାବରଣ ମହଲରେ ରହିବାକୁ ମନା କରି ଏହି ଉଦ୍ୟାନର ଏକ ଅଶୋକ ବୃକ୍ଷ ତଳେ ବସିଥିଲେ, ତେଣୁ ଏହି ସ୍ଥାନ ଅଶୋକ ବାଟିକା ।

ତାଲାଇମାନାର : ଭଗବାନ ରାମ ଶ୍ରୀଲଙ୍କାରେ ଯେଉଁ ସ୍ଥାନରେ ପ୍ରଥମେ ପାଦ ଦେଇଥିଲେ ସେଇ ସ୍ଥାନ ତାଲାଇମାନାର । ଏହିଠାରେ ହିଁ ରାବଣର ଶକ୍ତିଶାଳୀ ସେନାଙ୍କ ସହ ରାମଙ୍କର ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ପରେ ରାମ ରାବଣଙ୍କୁ ବଧ କରି ବିଭୀଷଣଙ୍କୁ ଲଙ୍କାର ରାଜଗାଦିରେ ବସାଇଥିଲେ ।

ଲେପାକ୍ଷି : ଆନ୍ଧ୍ରପ୍ରଦେଶରେ ଲେପାକ୍ଷି ନାମକ ଏକ ସ୍ଥାନ ରହିଛି । ରାମାୟଣରେ ରାବଣ ଦ୍ୱାରା ସୀତା ଅପହୃତ ହେଉଥିବାର ଚାକ୍ଷୁଷ ପ୍ରମାଣ ଜଟାୟୁ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଏଠାରେ ଯୁଦ୍ଧ କରିଥିଲେ ଓ ଏହି ସମ୍ବାଦ ରାମଙ୍କୁ ଜଣାଇବା ପାଇଁ ଭୀଷଣ ଆହତ ଅବସ୍ଥାରେ ଏଠାରେ ଅପେକ୍ଷା କରିଥିଲେ ।

ହାମ୍ପି : ସେହି ସ୍ଥାନ ଯେଉଁଠାରେ ରାମ ହନୁମାନଙ୍କୁ ଭେଟିଥିଲେ । ଇତିହାସରେ ମଧ୍ୟ ଏହା ବିଜୟର ସ୍ଥାନ ଭାବରେ ଉଲ୍ଲେଖ ରହିଛି । ଏହି ସ୍ଥାନରେ ପାର୍ବତୀ ଶିବଙ୍କୁ ବିବାହ କରିଥିଲେ ବୋଲି ମଧ୍ୟ ପୁରାଣରେ ବର୍ଣ୍ଣନା ରହିଛି ।

ସୀତା କଟଓ୍ୱା : ଯେତେବେଳେ ରାବଣ ସୀତାଙ୍କୁ ଅପହରଣ କରିନେଇଥିଲେ ସେତେବେଳେ ସେ ତାଙ୍କୁ ଏକ ସ୍ଥାନରେ ରଖିଥିଲେ ଯାହା ବର୍ତ୍ତମାନ ସୀତା କଟଓ୍ୱା ନାମରେ ଖ୍ୟାତ ।

ଦିବୁରୁମ୍ପୋଲା : ଦିବୁରୁମ୍ପୋଲା ଶବ୍ଦର ଅର୍ଥ ଶପଥର ସ୍ଥାନ । ଏହି ସ୍ଥାନ ରହିଛି ଶ୍ରୀଲଙ୍କାରେ । ରାବଣ ସହ ଯୁଦ୍ଧରେ ବିଜୟୀ ହୋଇ ଫେରିବା ପୂର୍ବରୁ ସୀତା ସେଠାରେ ଅଗ୍ନି ପରୀକ୍ଷା ଦେଇଥିଲେ ।

କାନିଆ ଉଷ୍ଣପ୍ରସ୍ରବଣ : ଶ୍ରୀଲଙ୍କାର ତ୍ରିଙ୍କୋମାଲିରେ ଥିବା କାନିଆ ଉଷ୍ଣପ୍ରସ୍ରବଣ ଠାରେ ସାତଟି ଉତ୍ତପ୍ତ ଜଳର କୂପ ରହିଛି । ପ୍ରତ୍ୟେକଟି କୂପ ୩-୪ଫୁଟ ଗଭୀର । ବିଶ୍ୱାସ କରାଯାଏ ରାବଣ ନିଜେ ଏହି କୂପଗୁଡ଼ିକ ନିର୍ମାଣ କରାଇଥିଲେ ।

ଉଷାଙ୍ଗୋଦା : ଶ୍ରୀଲଙ୍କାରେ ଥିବା ଏହି ସ୍ଥାନକୁ ରାବଣ ନିଜର ପୁଷ୍ପକ ବିମାନ ରଖିବା ପାଇଁ ବ୍ୟବହାର କରୁଥିଲେ ବୋଲି ବିଶ୍ୱାସ କରାଯାଏ ।

ବିଶ୍ରାକ : ବିଶ୍ୱାସ କରାଯାଏ ଏହି ସ୍ଥାନ ରାବଣଙ୍କ ଜନ୍ମସ୍ଥାନ । ଏହି ଛୋଟ ଗାଁ ରହିଛି ଉତ୍ତରପ୍ରଦେଶରେ । ଭାରତରେ ଥିବା ଅଳ୍ପ କେଇଟି ରାବଣ ମନ୍ଦିର ମଧ୍ୟରୁ ଗୋଟିଏ ଏଠାରେ ଅଛି ।

ମାଣ୍ଡସୌର : ମଧ୍ୟପ୍ରଦେଶର ଦଶାପୁର ବା ମାଣ୍ଡସୌର ରାମାୟଣର ବର୍ଣ୍ଣନା ଅନୁଯାୟୀ ରାବଣଙ୍କ ପତ୍ନୀ ମନ୍ଦୋଦରୀଙ୍କ ଜନ୍ମ ସ୍ଥାନ ।

ଧନୁଷକୋଡି : ତାମିଲନାଡୁର ପାମ୍ବନ୍ ଦ୍ୱୀପରେ ଏକଦମ୍ ଶେଷ ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଗାଁ ଧନୁଷକୋଡି । ରାମ ଏହିଠାରୁ ସେତୁବନ୍ଧ ଆରମ୍ଭ କରିବାକୁ ବାନରସେନାଙ୍କୁ ପରାମର୍ଶ ଦେଇଥିଲେ ବୋଲି ବିଶ୍ୱାସ କରାଯାଏ ।

ନିଲାଓ୍ୱାରୀ : ନିଲାଓ୍ୱାରୀ ଜାଫନାର ଏକ ବିଖ୍ୟାତ ଗ୍ରାମ । ବିଶ୍ୱାସ କରାଯାଏ ଯେତେବେଳେ ବାନରସେନା ଲଙ୍କାରେ ଜଳାଭାବର ସମ୍ମୁଖୀନ ହେଲେ ସେତେବେଳେ ରାମ ପୃଥିବୀ ବକ୍ଷକୁ ଏକ ଶର ମାରି ଏହି ଜଳଉତ୍ସ ସୃଷ୍ଟି କରିଥିଲେ । ଏହି କୂପର ଗଭୀରତା ଆଜି ମଧ୍ୟ ମପାଯାଇ ପାରିନାହିଁ ଏବଂ ଏହି କୂପର ଜଳ କେବେ ମଧ୍ୟ ଶୁଖିନାହିଁ ।

ନାଗଫେଣୀ ଗୁମ୍ଫା : ଶ୍ରୀଲଙ୍କାର ସିଗିରିଆରେ ଏକ ଗୁମ୍ଫା ରହିଛି ଯାହାର ପ୍ରାକୃତିକ ଆକାର ନାଗସାପର ଫଣା ପରି । ଏହି ଗୁମ୍ଫାରେ ମଧ୍ୟ କିଛିଦିନ ପାଇଁ ରାବଣ ସୀତାଙ୍କୁ ବନ୍ଦୀ କରିଥିଲା ଓ ଅସୁରୀମାନେ ସେଠାରେ ତାଙ୍କୁ ଜଗି ରହିଥିଲେ ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଗୁଣସୂତ୍ର ଶୁଦ୍ଧତା ଯାଞ୍ଚ ଓ ରେସିଆଲ ପ୍ୟୁରିଟି



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଭାରତ ସରକାର ଦେଶବାସୀଙ୍କ ଜାତିଗତ ଶୁଦ୍ଧତା ଉପରେ ଯାଞ୍ଚ ପାଇଁ ଡିଏନ୍ଏ ପରୀକ୍ଷା କରାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୧୦ କୋଟି ଟଙ୍କାର କିଟ୍ସ ଅର୍ଡ଼ର କରାଯାଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଦେଶରେ ବିବାଦ ମୁଣ୍ଡ ଟେକିଛି । ବିବାଦ ସୃଷ୍ଟି ହେବା ପରେ ଏପରି କୌଣସି ଉଦ୍ଦେଶ୍ୟ ନଥିବା ଦର୍ଶାଇ ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି । ୟୁରୋପ, ଉତ୍ତର ଆମେରିକା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ଅନ୍ୟ କେତେକ ଭାଗରେ ଉଗ୍ର ଜାତୀୟତାବାଦ ବଢ଼ିବାରେ ଲାଗିଛି । ଭାରତରେ ମଧ୍ୟ ଦକ୍ଷିଣପନ୍ଥୀମାନେ ନିଜ ଗୌରବମୟ ଇତିହାସକୁ ନେଇ ଗର୍ବ ଅନୁଭବ କରିଥାନ୍ତି । ବିଶେଷକରି ଉତ୍ତର ଭାରତରେ ଜାତିପ୍ରଥାର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ । ଉଚ୍ଚ ଜାତିର ଲୋକେ ନିଜକୁ ଆର୍ଯ୍ୟ ବିବେଚନା କରି ନିମ୍ନ ବର୍ଣ୍ଣର ଲୋକଙ୍କୁ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଥାଏ । ଏହି ପରିପ୍ରେକ୍ଷୀରେ ନୂଆ ବିବାଦକୁ ଇନ୍ଧନ ଦେବା ଭଳି ଏକ ପ୍ରସଙ୍ଗ ସାମ୍ନାକୁ ଆସିଛି । ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ଼ଭାନ୍ସ ଷ୍ଟଡିଜ ସହକାରୀ ପ୍ରାଧ୍ୟାପକ ବସନ୍ତ ଏସ୍.ସିନ୍ଧେ ହିନ୍ଦୁ ବହୁଳବାଦୀ ସିଦ୍ଧାନ୍ତ ଦୃଢ଼ ସମର୍ଥକ ରୂପେ ଜଣାଶୁଣା । ଦୁଇମାସ ତଳେ ପ୍ରତ୍ନତତ୍ତ୍ୱବିତ୍ ସିନ୍ଧେଙ୍କ ସହ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଗୋବିନ୍ଦ ମୋହନ ଓ ଅନ୍ୟ କେତେଜଣ ବିଦ୍ୱାନ ହାଇଦ୍ରାବାଦରେ ବୈଠକ କରିଥିଲେ । ଉକ୍ତ ବୈଠକ ପରେ ୧୪୦ କୋଟି ଭାରତୀୟଙ୍କ ଜିନଗତ ଶୁଦ୍ଧତା ଉପରେ ଅଧ୍ୟୟନ ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ଏହାଦ୍ୱାରା ଆନୁବଂଶିକ ଇତିହାସ ପ୍ରମାଣ କରାଯାଇପାରିବ ବୋଲି କେନ୍ଦ୍ର ସରକାର ବିବେଚନା କରୁଛନ୍ତି । ଡିଏନ୍ଏ-ପ୍ରୋଫାଇଲିଂ କିଟ୍ସ ଓ ଅନ୍ୟ ଉପକରଣ କିଣିବା ପାଇଁ ମନ୍ତ୍ରଣାଳୟ ୧୦ କୋଟି ଟଙ୍କା ଆବଣ୍ଟନ କରିଛି । ଆର୍ଯ୍ୟମାନେ ଅନ୍ୟ ଦେଶରୁ ଭାରତକୁ ଆସି ଏଠାକାର ମୂଳ ବାସିନ୍ଦାମାନଙ୍କୁ ବିସ୍ଥାପିତ କରିଥିବା ନେଇ ଏକ ସିଦ୍ଧାନ୍ତ ରହିଛି, ଯାହାକୁ ପ୍ରତ୍ନତତ୍ତ୍ୱବିତ୍ ସିନ୍ଧେ ଖଣ୍ଡନ କରିଛନ୍ତି । ସିନ୍ଧେ କହିଛନ୍ତି, ୧୦,୦୦୦ ବର୍ଷ ପୂର୍ବେ ଭାରତୀୟ ଜନସଂଖ୍ୟାର ମୂଳ ଆନୁବଂଶିକ ଢ଼ାଞ୍ଚାରେ ପରିବର୍ତ୍ତନ ଓ ଜିନର ମିଶ୍ରଣ ହୋଇଥିଲା । ଜନସଂଖ୍ୟାରେ ଯୋଗସୂତ୍ରର ସାନ୍ଦ୍ରତା ଓ କେଉଁ ସମୟରେ ଏହି ପ୍ରକ୍ରିୟା ଘଟୁଛି ତାହା ଉପରେ ଆନୁବଂଶିକ ପରିବର୍ତ୍ତନ ନିର୍ଭର କରିଥାଏ । ଏହା ଜାଣିବା ପରେ ଆନୁବଂଶିକ ଇତିହାସ ସମ୍ପର୍କରେ ଆମର ସମ୍ପୂର୍ଣ୍ଣ ଧାରଣା ଆସିଯିବ । ଭାରତରେ ଜାତିଗୁଡ଼ିକର ବିଶୁଦ୍ଧତାକୁ ପରଖିବା ପାଇଁ ଏହା ଏକ ଉଦ୍ୟମ ବୋଲି ସିନ୍ଧେ କହିଛନ୍ତି । ଆସନ୍ତୁ ସର୍ବେପ୍ରଥମେ ଜାଣିବା ରେସିଆଲ ପ୍ୟୁରିଟି କ'ଣ ? ରେସିଆଲ ପ୍ୟୁରିଟି ହେଉଛି ଜାତି / ବର୍ଣ୍ଣ ଆଧାରିତ ଗୁଣସୂତ୍ରର ଶୁଦ୍ଧତା । ଏହା ଆଧାରରେ ଜଣେ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନ୍ଏ ନମୁନା ସଂଗ୍ରହ କରି ଯାଞ୍ଚ କରଯାଇଥାଏ । ଅଧ୍ୟୟନ ପରେ ମଣିଷ ଜାତିକୁ ଉଚ୍ଚରୁ ନୀଚ ଅନୁକ୍ରମରେ ରଖାଯାଇଥାଏ । ୧୯୦୦-୧୯୨୦ ମସିହା ମଧ୍ୟରେ ଆମେରିକାରେ ଶ୍ୱେତାଙ୍ଗମାନଙ୍କ ସୁରକ୍ଷା ଆଳରେ ଜାତିଗତ ଶୁଦ୍ଧତା ଅଭିଯାନ ଜୋର ଧରିଥିଲା । ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡୋଲ୍ଫ ହିଟଲର ବିଭିନ୍ନ ଜାତି ଆଧାରରେ ଏକ ରେସିଆଲ ପଲିସି କାର୍ଯ୍ୟକାରୀ କରାଇଥିଲେ । ଏଥିରେ ଆର୍ଯ୍ୟ ଜାତିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା । ୧୯୩୫ ସେପ୍ଟେମ୍ବର ୧୫ରେ ନ୍ୟୁରେମ୍ବର୍ଗ ଲ ନାମରେ ଏକ ବିବାଦୀୟ ଆଇନ ପ୍ରଣୟନ କରାଯାଇଥିଲା । କୋଲକାତାସ୍ଥିତ ଭାରତର ନୃତତ୍ତ୍ୱ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା ଏଏନ୍ଏସଆଇ ଜାତିଗତ ଶୁଦ୍ଧତା ଯାଞ୍ଚ ପ୍ରସଙ୍ଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ପ୍ରକଳ୍ପ କାର୍ଯ୍ୟରୁ ଓହରିଯାଇଛି । ୨୦୧୯ରେ ପ୍ରକଳ୍ପ ଆରମ୍ଭ ବେଳେ ଏହି ସଂସ୍ଥା ସେଥିରେ ସାମିଲ ଥିଲା । ସେତେବେଳେ ଏଏନଏସଆଇ ପକ୍ଷରୁ କୁହାଯାଇଥିଲା ଯେ, ମଣିଷ ଶରୀରରେ ଥିବା କୋଷିକାକୁ ସମ୍ପୃକ୍ତ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନଏ ନମୁନା ବିକଶିତ କରିବା ପ୍ରକଳ୍ପର ଉଦ୍ଦେଶ୍ୟ । ଏହାକୁ ସାମ୍ପ୍ରତିକ ସମୟରେ ଭାରତୀୟ ଜନସଂଖ୍ୟାର ଗୁଣସୂତ୍ର ଅନୁକ୍ରମ ବହୁରୂପତାରେ ବ୍ୟବହାର କରାଯାଇପାରିବ । ପ୍ରକାଶ ଯେ, ଏଏନଏସଆଇ ଭାରତରେ ବସବାସ କରୁଥିବା ଲୋକଙ୍କ ଜାତିର ଅଗୁଣିତ କୋଷିକାକୁ ପୁନଃ ଅନୁକ୍ରମରେ ରଖି ସେମାନଙ୍କ ଆନୁବଂଶିକ ବିବିଧତାକୁ ବୁଝିବାକୁ ଚାହୁଁଥିବା କହିଥିଲା । କେବଳ ଏତିକି ନୁହେଁ, ଆଧୁନିକ ମାନବକୁ ଆଫ୍ରିକାରୁ ବିସ୍ତାର କରାଇବାରେ ଭାରତର ଭୂମିକାକୁ ପ୍ରମାଣିତ କରିବାକୁ ମଧ୍ୟ ଚାହିଁଥିଲା । ଆଧୁନିକ ମଣିଷମାନେ ଆଫ୍ରିକାରୁ ଆରବ ଦେଇ ଭାରତୀୟ ଉପମହାଦେଶ ପରେ ଦକ୍ଷିଣ-ପୂର୍ବ ଏସିଆ ଏବଂ ଶେଷରେ ଅଷ୍ଟ୍ରେଲିଆକୁ ଯାତ୍ରା କରି ଦକ୍ଷିଣ ମାର୍ଗ ଦେଇ ବିସ୍ତାର ଲାଭ କରିଥାଇପାରନ୍ତି ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିଲା ।

*କନସଲଣ୍ଟାଟ ରେଡ଼ିଓଲୋଜିଷ୍ଟ,*
*ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# ନିଜ ରୂପର ନିଜେ ରୂପକାର ଜଗନ୍ନାଥ



ଉମାଶଙ୍କର ପ୍ରସାଦ

ଜଗନ୍ନାଥ ହେଉଛନ୍ତି ନିଜ ରୂପର ନିଜେ ରୂପକାର । ସେ ଏକ ଧାରାରେ ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା, ରହସ୍ୟମୟ, ସର୍ବଶକ୍ତିମାନ, ଜଗନ୍ମୟ, ଅନାଦି ତଥା ଅନନ୍ତ, ସର୍ବଭୂତର ଆତ୍ମା । ଏଭଳି ଠାକୁର ଏକ କିମ୍ଭୂତ କିମାକାର ରୂପରେ କାହିଁକି ଯେ ବିଦ୍ୟମାନ ତାହା ଜଣେ ସାଧାରଣ ମନୁଷ୍ୟ ପକ୍ଷରେ ବୁଝିବା କଷ୍ଟକର । ସେହି ଲୀଳାମୟ ସ୍ୱୟଂ ବିଶ୍ୱକର୍ମା ଭାବରେ ପ୍ରକଟ ହୋଇ ନିଜେ ନିଜର ମୂର୍ତ୍ତି ଗଢିଥିବା ବିଷୟରେ ଅନେକ ପୁରାଣ, ଶାସ୍ତ୍ରରୁ ସୂଚନା ମିଳିଥାଏ । ତାଙ୍କର ଏପରି ଅପୂର୍ଣ୍ଣାଙ୍ଗ ରୂପ ପଛରେ ଯେ କିଛି ଉଦ୍ଦେଶ୍ୟ ନିହିତ ଅଛି ତାହା ନିଃସନ୍ଦେହ । ତାଙ୍କର ମୂର୍ତ୍ତି ଗଠନରେ କଳା, ଭାସ୍କର୍ଯ୍ୟର କିଛି ବାହାଦୁରୀ ନାହିଁ ଏ କଥା ଯଦିଓ ସତ, କିନ୍ତୁ ଏହି ଅଧାଗଢା ରୂପରେ କି ଆକର୍ଷଣ ଅଛି କେଜାଣି ଯାହାଙ୍କ ଦର୍ଶନରେ ଦେହ ଶିହରି ଉଠିବା ସହ ଲୋମ ଟାଙ୍କୁରୀ ଉଠେ,ତାହା କେବଳ ଅନୁଭବୀ କୁ ଜଣା । ବର୍ଷ ତମାମ କୋଟି କୋଟି ଲୋକ ବିଭିନ୍ନ ସମ୍ପ୍ରଦାୟର ଜଗନ୍ନାଥ ଙ୍କୁ ଦର୍ଶନ କରିବା ପାଇଁ ଅନେକ ଶ୍ରମ ସ୍ୱୀକାର କରି ଶ୍ରୀକ୍ଷେତ୍ରକୁ ଆସିଥାନ୍ତି । ଏହି ଧାମକୁ ଆସିବା ପାଇଁ ନିମନ୍ତ୍ରଣର ଆବଶ୍ୟକତା ପଡେନାହିଁ । ସେହି ପୁରୁଷୋତ୍ତମ ହେଉଛନ୍ତି ଅପାଣି, ଅପାଦ, ଅଚକ୍ଷୁ, ଓ ଅକର୍ଣ୍ଣ । ଅର୍ଥାତ ଯାହାଙ୍କର ହାତ ନାହିଁ, ଗୋଡନାହିଁ,କାନ ନାହିଁ କି ଆଖି ନାହିଁ । ଆଖି ନଥାଇ ସେ ସର୍ବଦର୍ଶୀ, କାନ ନଥାଇ ସେ ସର୍ବଶ୍ରୋତା, ପାଦ ନଥାଇ ସେ ସର୍ବଗାମୀ ଏବଂ ହାତ ନଥାଇ ମଧ୍ୟ ସେ ତାଙ୍କ ଭକ୍ତ ମାନଙ୍କୁ ଅଭୟ ପ୍ରଦାନ କରିଥାନ୍ତି । ତାଙ୍କର ଭ୍ରୁଲତା ବିହୀନ ଚକାନୟନରେ ଅପଲକ ଭାବେ ଦେଖୁଛନ୍ତି ତାଙ୍କର ଭକ୍ତ ମାନଙ୍କୁ । ତାଙ୍କର ରହସ୍ୟ ତାଙ୍କୁହିଁ ଜଣା 'ଦେବା ନଜାନାନ୍ତି କୃତୋ ମନୁଷ୍ୟା' ।

ତାଙ୍କର ଏହି ଚକାନୟନ ଦ୍ୱୟ ସୂର୍ଯ୍ୟ ଓ ଚନ୍ଦ୍ରର ପ୍ରତିକ । ଦକ୍ଷୀଣ ଚକ୍ଷୁ ତାଙ୍କର ସୂର୍ଯ୍ୟ ଏବଂ ବାମ ଚକ୍ଷୁ ଚନ୍ଦ୍ର ଅଟନ୍ତି । ନିଜର ପରମ ଭକ୍ତ ତଥା ସଖା ଅର୍ଜୁନ ଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇବା ସମୟରେ ସେ ଦେଖିଥିଲେ ତାଙ୍କର ଦୁଇ ଚକ୍ଷୁରେ ରବି ଓ ଚନ୍ଦ୍ର ଙ୍କୁ । ସେ ଚକ୍ଷୁ ଦୁଇଟି ଥିଲା ଅନନ୍ତ ଶକ୍ତିଶାଳୀ, ଗୋଲାକାର ତଥା ଦୀପ୍ତିମନ୍ତ । କୌଣସି ଏକ ଗୋଲକର ଆଦି ଓ ଅନ୍ତ ଜାଣି ହୁଏନାହିଁ । ଶ୍ରୀ ଜଗନ୍ନାଥ ଅଜନ୍ମା ନିଯେ ନିଜର ସୃଷ୍ଟିକର୍ତ୍ତା ହୋଇଥିବାରୁ ତାଙ୍କର ନା ଆଦି ଅଛି ନା ଅନ୍ତ । ସେ ଅନାଦି, ଅନନ୍ତ, ଅସୀମ । ଜ୍ୟାମିତିକ ସୁତ୍ରରେ ଗୋଟିଏ ଗୋଲକ ସବୁଦିଗରୁ ସମାନ ବୋଲି ବିବେଚନା କରାଯାଏ । ଏହାର ମଧ୍ୟ ବିନ୍ଦୁରୁ ପରିସୀମାର ଦୂରତ୍ୱ ସବୁଠି ସମାନ ଯାହା ସାମ୍ୟବାଦର ବିଶ୍ୱାସରେ ସୁଚନା ଦେଇଥାଏ । ତଙ୍କ ଦୃଷ୍ଟିରେ ଧନୀ, ନିର୍ଦ୍ଧନୀ, ଜ୍ଞାନୀ ଅଜ୍ଞାନୀ, ବ୍ରାହ୍ମଣ ଚଣ୍ଡାଳ,ରାଜା ପ୍ରଜା ସମସ୍ତେ ସମାନ । ତାଙ୍କ ଦର୍ଶନରେ ଏହି ହୃଦବୋଧ ହୁଏ ଯେ ସତେ ଯେପରି ଜଗନ୍ନାଥ ତାଙ୍କୁ ହି ଚାହିଁଛନ୍ତି । ଭ୍ରୂଲତା ମୁଖମଣ୍ଡଳର ଶ୍ରୀ ବୃଦ୍ଧି କରିବା ସହ ଶୟନ କାର୍ଯ୍ୟରେ ସହାୟକ ହୋଇଥାଏ କିନ୍ତୁ ଜଗନ୍ନାଥଙ୍କର ଭ୍ରୂଲତା ନଥିବାର କାରଣ ହେଉଛି ସେ ଚିର ଜାଗ୍ରତ । ସାରା ଦିନ ଓ ରାତି ସେ ଜାଗ୍ରତି ରହି ନିଜ ଭକ୍ତ ମାନଙ୍କ ଅଳିଅର୍ଦ୍ଦଳି ଶୁଣିଥାନ୍ତି । ଯଦିଓ ରାତିରେ ପରମ୍ପରା ଅନୁଯାୟୀ ମନ୍ଦିରରେ ପହୁଡ ନୀତି ସମାପନ୍ନ ହୋଇଥାଏ ତଥାପି ଜଗନ୍ନାଥଙ୍କର ନିଦ୍ରାଯିବାର ଅବକାଶ ନଥାଏ । କାରଣ ସବୁ ଦେବା ଦେବୀ ଜଗନ୍ନାଥ ଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଏ ସମସ୍ତ ଦେବା ଦେବୀ ସରକାର ଜଗନ୍ନାଥ ଙ୍କ ର ପ୍ରଶାସନ କାର୍ଯ୍ୟରେ ଅଧସ୍ତନ କର୍ମଚାରୀ ଭାବରେ ସହାୟତା କରିଥାନ୍ତି । ତେଣୁ ମୋ ପ୍ରଭୁ ଦିବା ନିଶି କାର୍ଯ୍ୟରତ ଥିବାରୁ ତାଙ୍କର ଆଖିର ପଲକ ପଡିବାର ଅବକାଶ ନଥାଏ ।

ଜଗନ୍ନାଥଙ୍କର ପାଦ ନାହିଁ ଏବଂ ଦୁଇ ହାତ ମଧ୍ୟ ଅପୁର୍ଣ୍ଣ । ବେଦ, ସୃତି,ଉପନିଷଦ କହେ 'ପାଦ ହେଉଛି ଆଦି ଓ ହାତ ହେଉଛି ଅନ୍ତ' । ଯାହାର ହାତ,ପାଦ ଅଛି ତାର ଆଦି ଅନ୍ତ ଅଛି । କିନ୍ତୁ ତାଙ୍କର ହାତ,ପାଦ ନଥିବାରୁ ସେ ଅନାଦି, ଅନନ୍ତ, ଅସୀମ । ସଂସ୍କୃତ ଶାସ୍ତ୍ରାନୁଯାୟୀ ମାନବ ଶରୀର ସାତୋଟି ଧାତୁରେ ନିର୍ମିତ । ଜଗନ୍ନାଥ ଯେ ହେତୁ ମାନବ ବାଦର ପ୍ରତୀକ ଭାବରେ ପରିଚିତ ତେଣୁ ତାଙ୍କର ବିଗ୍ରହକୁ ପୂର୍ଣ୍ଣ ରୂପାୟନ ଦିଆଯିବା ସମୟରେ ସପ୍ତାବରଣ ପଦ୍ଧତିରେ ସାତୋଟି ଆବରଣ ଦିଆଯାଇଥାଏ । ଦାରୁରେ ନିର୍ମିତ ଅସ୍ଥି ଉପରେ ଅବିକଳ ମାନବ ଶରୀର ଭଳି ଶିରା, ପ୍ରଶିରା,ମାଂସ,ରକ୍ତ,ଚର୍ମ,ଶୁକ୍ର ଆଦିର ବ୍ୟବସ୍ଥାମାନ ନୂତନ ବିଗ୍ରହଙ୍କ ଶରୀରରେ କରା ଯାଇଥାଏ ବୋଲି 'ନିଳାଦ୍ରୀ ମହୋଦୟ' ଗ୍ରନ୍ଥରେ ସ୍ପଷ୍ଟ ଭାବରେ ଉଲ୍ଲିଖିତ କରା ଯାଇଛି । ମୋ ପ୍ରଭୁଙ୍କର ଆଜାନ ବାହୁ ଦୁଇଟି ସମାନ୍ତରାଳ । ତେଣୁ କୌଣସି ବିନ୍ଦୁରେ ସ୍ପର୍ଶ କରିବାର ଅବକାଶ ନଥାଏ । ସେହି ଦୁଇବାହୁ ତାଙ୍କର ଅସୀମ ଓ ଅନନ୍ତ, ଏହାଛଡା ସେ ନିଜେ ନିଜର ରୂପକାର ସାଜି ତାଙ୍କର ଦୁଇ ଆଜାନ ବାହୁ କୁ ମେଲାଇରଖି ତାଙ୍କର ସମସ୍ତ ଭକ୍ତ ମାନଙ୍କୁ ଆଲିଙ୍ଗନ କରଥାନ୍ତି । ଯଦିଓ ସମସ୍ତେ ତାଙ୍କୁ ଅର୍ଦ୍ଧବାହୁ କହନ୍ତି କିନ୍ତୁ ମୋ ପ୍ରଭୁ ଯେ "ମହାବାହୁ" । ଯିଏ ସ୍ୱୟଂ ନିଜ ରୂପର ରୂପକାର ତାଙ୍କ ରୂପର ବର୍ଣ୍ଣନା ଏ ଅଧମ କଣ ବା କରିବ ! ସେ ସମଗ୍ର ମାନବ ସମାଜକୁ ଦୀପ୍ତିମନ୍ତ ରୂପରେ ଦର୍ଶନ ଦେଇ ଜଗତଜନଙ୍କ ଦୁଃଖ ନାଶନ ଓ ଅଖଣ୍ଡ ସୁଖ ପ୍ରଦାନର ପ୍ରତିଶ୍ରୁତି ପ୍ରଦାନ ଦେଲାପରି ବୋଧ ହୁଅନ୍ତି । " ବ୍ୟେତି ସଂସାର ଦୁଃଖାନି ଦଦାତି ସୁଖମବ୍ୟୟମ୍ ।- ତସ୍ମାତ ଦାରୁମୟଂ ବ୍ରହ୍ମଂବେଦାନ୍ତେ ପରଗୀୟତେ" ।

ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ସେବା, ସଂଗ୍ରାମ ଓ ସୃଜନର ସ୍ରୋତସ୍ୱତୀ : ନନ୍ଦିନୀ ଶତପଥୀ



ଶେଖ୍ ଫରିଦଉଦ୍ଦିନ

ଶ୍ରୀମତୀ ନନ୍ଦିନୀ ଶତପଥୀ - ଜନ୍ମ : ୦୯, ୧୯୩୧ । ସେହି ୮୪ବର୍ଷର ତଳର ଇତିହାସ ଓଡ଼ିଶାର ରାଜନୀତି, ସମାଜ ଓ ସାହିତ୍ୟର ସ୍ରୋତସ୍ୱତୀ ସମୟର ନାଁ ନନ୍ଦିନୀ । ଲୋକମୁଖରେ ବିଦିତ ଫାୟାର ବ୍ରାଣ୍ଡ ନେତ୍ରୀ ନନ୍ଦିନୀ । ଓଡ଼ିଶାର ସବୁ ନଦୀକୁ ଗୋଟିଏ ସୂତ୍ରରେ ଯୋଡ଼ି ଓଡ଼ିଶାକୁ ଶସ୍ୟ ଶ୍ୟାମଳା କରିବାର ସ୍ୱପ୍ନରେ ବିଭୋର ମୁଖ୍ୟମନ୍ତ୍ରୀ ନନ୍ଦିନୀ । ଓଡ଼ିଆ କଥା ସାହିତ୍ୟରୁ କବିତା ଓ ଅନୁବାଦ ଯାଏ ଯାହାଙ୍କର ସୃଜନ ଦିଗନ୍ତର ବିସ୍ତୃତି ଆଜି ବି ସେଇ ଅପାସୋରା ସ୍ମୃତିର ନାଁ ନନ୍ଦିନୀ । ବହୁ ବିଭାଗରେ ସେ ବିରଳ, ବହୁ ଅନୁଭୂତିରେ ଆଉଟା ଓଡ଼ିଆ ଜୀବନର ବହ୍ନିକନ୍ୟା କେବେ ସେ ହେଇଛନ୍ତି କେନ୍ଦ୍ରରେ ମନ୍ତ୍ରୀ କେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ତାଙ୍କ ରାଜନୀତିର ଜୀବନ ବହୁବାଗରେ ଘଟଣାବହୁଳ । ଛାତ୍ର ଜୀବନରୁ ରାଜନୀତିକୁ ଆସିବା, କକେଇ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସଂଗ୍ରାମୀ ଜୀବନର ଅଂଶ ହେବା, ବାପା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟ ପ୍ରେରଣାରେ ଗଢ଼ା ନନ୍ଦିନୀଙ୍କ ସାମାଜିକ ଜୀବନ, ପାରିବାରିକ ଜୀବନ, ସାହିତ୍ୟର ଜୀବନ ଓ ସର୍ବୋପରି ରାଜନୈତିକ ଜୀବନର ଚିତ୍ର ଆଜିର ଓଡ଼ିଆ ନାରୀ ପାଇଁ ଏକ ପ୍ରେରଣା । ସର୍ବୋପରି ଓଡ଼ିଶାର ସମସ୍ତଙ୍କ ସ୍ୱର ଭାବେ ପରିଚିତ ପ୍ରିୟ ଓ ପ୍ରମୁଖ ଦୈନିକ ଖବର କାଗଜ 'ଧରିତ୍ରୀ' ଓ ଏକମାତ୍ର ଇଂରାଜୀ ଦୈନିକ ଖବର କାଗଜ 'ଦି ଓଡ଼ିଶା ପୋଷ୍ଟ' ହେଉଛି ତାଙ୍କର ପ୍ରେରଣାର ସୃଷ୍ଟି । ଯାହା ଆଜି ସର୍ବଭାରତୀୟ ସ୍ତରରେ ଗଣମାଧ୍ୟମ କ୍ଷେତ୍ରରେ ଲୋକପ୍ରିୟତା, ପାଠକୀୟ ଆଦୃତି ଓ ନିର୍ଭୀକ ନିରପେକ୍ଷ ସମ୍ପାଦକୀୟ ସ୍ତମ୍ଭ ସୃଷ୍ଟି କରିପାରିବାର ଗୌରବ ପାଇଛି । ସେଇ ନନ୍ଦିନୀଙ୍କୁ ମନେ ପକାଇ ତାଙ୍କ ସ୍ମୃତିରେ ନିବେଦିତ ।

ଦେଶ ନିର୍ମାଣ : ସମୟର ଆହ୍ୱାନ : ଦେଶ ସ୍ୱାଧୀନ ହେବା ପରେ ଦେଶ ନିର୍ମାଣ ସେ ସମୟର ଆହ୍ୱାନ ଥିଲା । ତଥାକଥିତ କ୍ଷମତା ରାଜନୀତି ବା ଭୋଟ ରାଜନୀତି ପ୍ରତି ତାଙ୍କର ଆକର୍ଷଣ ନଥିଲା । ବରଂ ନିଜକୁ ସମାଜ ସେବାରେ ଉତ୍ସର୍ଗ କରି ସ୍ୱାଧୀନ ଭାତର ସତେଜ ସ୍ୱପ୍ନକୁ ସାକାର କରିବାରେ ସେ ନିଜ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ । ଦଳେଇ ଘାଇ ଭାଙ୍ଗିଗଲା ବେଳେ ବନ୍ୟା ଦୁର୍ଗତମାନଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ କରିବା ପାଇଁ ଓଡ଼ିଶା ଉଇମେନ୍ସ ରିଲିଫ କମିଟି ଗଠନ କରିଥିଲେ ଓ ସେ ଅଞ୍ଚଳରେ ନିଜେ ଯାଇ ସେବା କାର୍ଯ୍ୟ କରିଥିଲେ । ନାରୀମାନଙ୍କୁ ସାମାଜିକ ବିଧି ବ୍ୟବସ୍ଥାରେ ଉପଯୁକ୍ତ ମର୍ଯ୍ୟାଦା ଦେବା, ଯୌତୁକ ପ୍ରଥା ବିରୁଦ୍ଧରେ ସଂଗଠିତ ସଂଗ୍ରାମ କରିବା, ନାରୀ ଶିକ୍ଷାର ଉନ୍ନତି ପାଇଁ ବାତାବରଣ ସୃଷ୍ଟି କରିବା ଓ ସର୍ବୋପରି ଭାରତୀୟ ପରମ୍ପରା ଓ ଐତିହ୍ୟର ଶୁଦ୍ଧ ସୀମା ମଧ୍ୟରେ ନାରୀ ଜାଗରଣ ପାଇଁ ମାର୍ଗ ନିର୍ଣ୍ଣୟ କରିବାରେ ନିଜର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରିଥିଲେ । ସେ ନିଜେ ଜଣେ ନାରୀ, ତେଣୁ ନାରୀମାନଙ୍କ ନାର୍ଯ୍ୟ ଦାବି ବିଭିନ୍ନ ସ୍ତରରେ ଯଥାର୍ଥ ଭାବରେ ଉପସ୍ଥାପନ କରିପାରୁଥିଲେ । କେବଳ ନାରୀ ଶକ୍ତିର ବିକାଶରେ ନିଜର ସୃଜନଶୀଳତାକୁ ସୀମାବଦ୍ଧ ନରଖି ସମାଜର ବିଭିନ୍ନ ସ୍ତର ଓ ବିଭିନ୍ନ କ୍ଷେତ୍ରର ଉନ୍ନତି ପାଇଁ ଉଦ୍ୟମ କରୁଥିଲେ । କେବେ ବି ଇଚ୍ଛା ନଥିଲା, କ୍ଷମତାର ମୋହ ନଥିଲା । ବରଂ ସାଧାରଣ ସେବା କ୍ଷେତ୍ରରେ ତାଙ୍କୁ ଅମାପ ନିର୍ମଳ ଆନନ୍ଦ ମିଳୁଥିଲା । କିନ୍ତୁ ଏହି ସେବା କ୍ଷେତ୍ର କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା ଓ ସେ ଆସିଗଲେ ରାଜନୀତିକୁ ।

ରାଜ୍ୟ ରାଜନୀତି ଓ ନନ୍ଦିନୀ : ନନ୍ଦିନୀ ଦେବୀଙ୍କ ପର୍ଯ୍ୟବେକ୍ଷଣରେ ମୁଁ ବହୁ ଦିନ ପରେ ଜାଣିଲି ଯେ ମୁଁ ରାଜନୀତି କରୁଛି । ପ୍ରକୃତରେ ମୋର ସାମାଜିକ ସେବାରେ ମନ ଥିଲା । ସାମାଜିକ ସେବା ପାଇଁ ରାଜନୀତିକୁ ଏକ ଆୟୁଧ, ଏକ ମାଧ୍ୟମ ଭାବରେ ସେ ବ୍ୟବହାର କରି ଆସିଛନ୍ତି । ତାଙ୍କୁ ରାଜନୀତିକୁ ଆଣିବାରେ ଡଃ ହରେକୃଷ୍ଣ ମହତାବଙ୍କ ଭୂମିକା ସ୍ମରଣୀୟ । ମହତାବବାବୁ ନନ୍ଦୀନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଆବିଷ୍କାର କରି ରାଜନୀତିର ବୃହତ୍ତର କ୍ଷେତ୍ରକୁ ଆମନ୍ତ୍ରଣ କରିଥିଲେ । ଖୁବ୍ କମ ସମୟ ମଧ୍ୟରେ ସେ ରାଜନୀତିର କେନ୍ଦ୍ରବିନ୍ଦୁ ହୋଇଗଲେ । ପ୍ରାୟ ୧୯୫୮ ମସିହାରୁ ଏଯାବତ୍ ଓଡ଼ିଶାର ରାଜନୀତିକୁ ଯେଉଁ କେତେଜଣ ପ୍ରଭାବିତ କରି ଆସିଛନ୍ତି ସେମାନଙ୍କ ମଧ୍ୟରେ ନନ୍ଦିନୀ ଦେବୀ ଅନ୍ୟତମ । ଜଣେ ନାରୀ ହୋଇ ରାଜନୀତିର ଶୀର୍ଷାରୋହଣ ସେତେବେଳେ ଭାରତବର୍ଷରେ ଚର୍ଚ୍ଚାର ବିଷୟ ହୋଇଥିଲା । କେନ୍ଦ୍ର କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରି ସେ ଓଡ଼ିଶାର ପ୍ରିୟ ମ୍ୟାଡ଼ାମ୍ ଭାବେ ପରିଚିତା ହୋଇଥିଲେ । ଇନ୍ଦିରା ଗାନ୍ଧୀ ତାଙ୍କୁ ବେଶି ବିଶ୍ୱାସ କରୁଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ଉନ୍ନତି ପାଇଁ ସେ ଅନେକ ସୁଦୂର ପ୍ରସାରୀ ଯୋଜନା କରିଥିଲେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମ ଗ୍ରାମାଭିମୁଖୀ ଓ ସମାଜର ଆର୍ଥିକସ୍ତରରେ ପଛୁଆ ଲୋକମାନଙ୍କ ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଭୂସଂସ୍କାର କରି ବହୁ ଜମି ଥିବା ଧନୀ ଲୋକଙ୍କ ଠାରୁ ସିଲିଂ ବହିର୍ଭୂତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବା ଓ ଗ୍ରାମାଞ୍ଚଳରେ ସୁଧଖୋର ମହାଜନୀ କାରବାର ବନ୍ଦ କରି ସେମାନଙ୍କ ଶୋଷଣରୁ ଗରିବ ଲୋକମାନଙ୍କୁ ମୁକ୍ତି ଦେବା ଆଦି ତାଙ୍କର ସେ ସମୟର ସବୁଠୁ ଲୋକପ୍ରିୟ କାର୍ଯ୍ୟକ୍ରମ । ଏହାଫଳରେ ସେ ଧନୀ ଲୋକମାନଙ୍କର ବିଷ ଦୃଷ୍ଟିରେ ପଡ଼ିଥିଲେ ଓ ସେମାନେ ହିଁ ପରବର୍ତ୍ତୀ ସମୟରେ କୂଟ ଚକ୍ରାନ୍ତ କରି ନନ୍ଦିନୀଙ୍କୁ କ୍ଷମତାଚ୍ୟୁତ କରାଇ ପାରିଥିଲେ । ଓଡ଼ିଶାର ଲୋକମାନେ ଏବେ ବି ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କ ଶାସନ କାଳକୁ ମନେ ପକାନ୍ତି । ପ୍ରଶାସନ ଉପରେ ତାଙ୍କର ଦୃଢ଼ ନିୟନ୍ତ୍ରଣ ଥିଲା ଓ ପ୍ରଶାସନକୁ ଲୋକାଭିମୁଖୀ କରେଇବାରେ ସେ ସଫଳ ହୋଇଥିଲେ । ନେତୃତ୍ୱ ନେବା ତାଙ୍କର ସହଜାତ ଗୁଣ । ଫାୟାର ବ୍ରାଣ୍ଡ ନେତ୍ରୀ ଭାବରେ ଓଡ଼ିଶା ଇତିହାସରେ ସେ ସୁପରିଚିତା । କ୍ଷମତା ତାଙ୍କୁ ଲୋକଙ୍କଠୁ ଦୂରେଇ ନେଇ ଯାଇ ପାରିନି ବରଂ କ୍ଷମତାକୁ ନେଇ ସେ ଲୋକମାନଙ୍କ ସେବାରେ ଲଗାଇଛନ୍ତି । ସେ ଏବେ ବି ଲୋକମାନଙ୍କ ମଧ୍ୟରେ, ଲୋକମାନଙ୍କର । ଓଡ଼ିଶାର ବିଭିନ୍ନ ଘଟଣା, ଦୁର୍ଘଟଣାରେ ସେ ତୁରନ୍ତ ପହଞ୍ଚିଯାନ୍ତି । ସଂପ୍ରତି ତାଙ୍କର ରୁଗ୍ଣ ଅବସ୍ଥା ମଧ୍ୟ ତାଙ୍କର କ୍ରିୟାଶୀଳତାକୁ ପ୍ରତିହତ କରିପାରିନି । ତାଙ୍କର ନେତୃତ୍ୱକୁ ଶାସନ କାଳ କି କେତୋଟି ଆର୍ଥିକ ଯୋଜନାର ମାନଦଣ୍ଡରେ ମାପି ହେବନି । ସେ ଓଡ଼ିଆ ଶିଶୁଙ୍କର ବିଶେଷ କରି ଓଡ଼ିଆ ଝିଅମାନଙ୍କର ଆଦର୍ଶ, ମଡ଼େଲ ଓ ସାଫଲ୍ୟର ଅମଳିନ ସଂକେତ । କ୍ଷମତା ଆସିଛି ଆପେ ଆପେ, କ୍ଷମତା ବି ଯାଇଛି କିନ୍ତୁ ନନ୍ଦିନୀ ଦେବୀ ଯେଉଁ ଭୂମିରେ ପାଦ ଥାପି କାର୍ଯ୍ୟାରମ୍ଭ କରିଥିଲେ, ସେଇଠି ଅଛନ୍ତି । ନିଜର ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧ ରହି ଆସିଛନ୍ତି । ନନ୍ଦିନୀ ଶତପଥୀଙ୍କ ରାଜନୈତିକ ଜୀବନ ବିଶ୍ଳେଷଣ କଲେ ଗୋଟେ କଥାରେ ସେ ଅନ୍ୟଠୁ ବାରି ହୋଇପଡ଼ନ୍ତି । ରାଜନୀତି କରୁଥିବା ଲୋକମାନେ ଯାହା ଭାବନ୍ତି, କହି ପାରନ୍ତି ନାହିଁ । କିନ୍ତୁ ନନ୍ଦିନୀ ଦେବୀ ଯାହା ଭାବିଛନ୍ତି, ତାହା କହିଛନ୍ତି । ଏପରି ଗୁଣ କ୍ୱଚିତ୍ ରାଜନୈତିକ ନେତାଙ୍କ ଠାରେ ପରିଦୃଷ୍ଟ ହୁଏ । ଏଥିପାଇଁ ସେ ଅନେକ ସମୟରେ ଅସୁବିଧାରେ ପଡ଼ିଛନ୍ତି । ବହୁ ଲୋଭନୀୟ ପଦ ହରେଇଛନ୍ତି । ହେଲେ ଏଥିରୁ ସେ ବିଚ୍ୟୁତ ହୋଇନାହାନ୍ତି । ଜେ ଜନଗଣର ସ୍ୱାଭାବିକ ନେତ୍ରୀ । ରାଜନୀତିର ଗଣିତ୍ର, ଅଙ୍କକଷାରେ ଶିଡ଼ି ଚଢ଼ିବା ଜାଣନ୍ତି ନାହିଁ । ତେଣୁ ସେ ଖାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, କେବଳ ନନ୍ଦିନୀ ଶତପଥୀ ଭାବରେ ଇତିହାସରେ ସ୍ଥାନ ପାଇବେ ।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,*
*ଦୂରଭାଷ : ୯୪୩୭୦୦୪୮୮୮*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡରେ ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଅମଲାଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଷଷ୍ଠ ଦିନରେ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ଡାକରାରେ ୧ ତାରିଖରୁ ସମସ୍ତ ଅମଲା ସମୂହ ଛୁଟି ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଛନ୍ତି। ଅମଲାଙ୍କ ଆନ୍ଦୋଳନ ଆଜି ଷଷ୍ଠ ଦିନରେ ପହଁଚିଛି। ଜିଲ୍ଲା ଓକିଲ ସଂଘ ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଜିଲ୍ଲା ଓକିଲ ସଂଘର ସଭାପତି ଲମ୍ବୋଧର ତୁରୁକୁ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ରାମ ପ୍ରସାଦ ପଟ୍ଟନାୟକ, ଗୋପାଳ ପଣ୍ଡା, ଦିଲୀପ ପରିଚ୍ଛା ପ୍ରମୁଖ ଓକିଲ ସଂଘର ସଦସ୍ୟ ମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଅମଲା ମାନଙ୍କ ନିକଟକୁ ଯାଇ ସେମାନଙ୍କ ଦାବି ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ଦାବି କରି ସମର୍ଥନ ଜଣାଇଥିଲେ। ଅମଲା ମାନଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଂଚିଥିବା ବେଳେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଅଚଳ ହୋଇଯାଇଛି। ବିଭିନ୍ନ କାଗଜପତ୍ର କାମ ସବୁ ବନ୍ଦ ହୋଇଯାଇଛି।ବାଲେଶ୍ୱର ବାହାନଗା ଷ୍ଟେସନ ଠାରେ ଦୁଇଟି ସୁପର ଫାଷ୍ଟ ଟ୍ରେନ ଓ ଗୋଟିଏ ମାଲ ବାହୀ ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି କାମନା କରି ଧାରଣାରତ ଅମଲା ମାନେ ପ୍ରଦୀପ ପ୍ରଜ୍ୱଳନ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ୬ ଦିନ ହେଲା ନିଜର ହକ ପାଇଁ ଅମଲାଙ୍କ ସମୂହ ଛୁଟିନେବା ଓ ଗଣ ଧାରଣା ଦେବା ଫଳରେ ସମସ୍ତ ଅଫିସ ଗୁଡିକରେ ଚେୟାର ଖାଲି ପଡ଼ିଛି। ଏକ ରକମର ଅଫିସ ଅଚଳ ହୋଇ କାର୍ଯ୍ୟ ଠପ ହୋଇଯାଇଛି। ଦୂର ଦୁରାନ୍ତରୁ ବିଭିନ୍ନ ଅଫିସ କାମରେ ଆସୁଥିବା ଗ୍ରାମବାସୀ ମାନେ ନିରାଶ ହୋଇ ଫେରି ଯାଉଥିବାର ଦେଖିବାକୁ ମିଳିଛି। ଅମଲାଙ୍କ ପ୍ରତି ସରକାରଙ୍କର ବୈମାତୃକ, ମନୋଭାବ କାଳକ୍ଷେପଣ ନୀତି ବିରୁଦ୍ଧରେ ପ୍ରତିବାଦ ଜଣାଇ ଧାରଣା ଦେଇଛନ୍ତି।ଅମଲା ମାନଙ୍କ ଦାବି ପୂରଣ ନ ହେଲାପର୍ଯ୍ୟନ୍ତ ଏହି ଗଣଧାରଣା ଓ ସମୂହ ଛୁଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମିଳିତ ଅମଲା ମଂଚର ସଭାପତି ଲକ୍ଷ୍ମୀନାରାୟଣ ସେଠି ଓ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ଆବାହକ ଶ୍ୟାମସୁନ୍ଦର ନାୟକ ସୂଚନା ଦେଇଛନ୍ତି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି । ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ଓ୍ୱବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ଯସୀ ପ୍ରସଂଶା କରିଥିଲେ । ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚ଼ାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟରରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚ଼ାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ମିଳିବ ଆବର୍ଜନାରୁ ମୁକ୍ତି !



ବିଶ୍ୱ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ପରିବେଶ ପ୍ରଦୂଷଣ। ଏହାକୁ ନେଇ ଅନେକ ନୀତି ପ୍ରଣୟନ ହେଉଛି। ବିଶ୍ୱ ନେତାମାନେ ଆପୋଷ ଆଲୋଚନା ଜାରି ରଖିଛନ୍ତି। ହେଲେ ନୀତିର କାର୍ଯ୍ୟକାରିତାର ସୁଫଳ ଦେଖିବାକୁ ମିଳୁନାହିଁ। ପ୍ରତିଟି ଦେଶ କେବଳ ନିଜ ସ୍ୱାର୍ଥ ପାଇଁ ପଦକ୍ଷେପ ନେଉଥିଲା ବେଳେ ଏହା ଯେ, ବଡ଼ ସଂକଟକୁ ଦୂର କରିବ ତାହା ଭାବିବା ଭୁଲ। ପ୍ରତିଟି ଦେଶ ଯେ ପର୍ଯ୍ୟନ୍ତ ଏହି ସମସ୍ୟାକୁ ହୃଦ୍‌ବୋଧ କରିନାହାଁନ୍ତି ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ ନାହିଁ। ଏହି କ୍ରମରେ ଭାରତ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାସ୍ତାରୁ ପୁରୁଣା ଗାଡ଼ି ହଟାଇବାର ନିଆଯାଇଛି ନିଷ୍ପତ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ପୁଣି ଥରେ ଦୋହରାଇଛନ୍ତି ଯେ, ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିକୁ କବାଡ଼ିକୁ ଦିଆଯିବ। ଅର୍ଥାତ୍ ୧୫ ବର୍ଷର ପୁରୁଣା ଗାଡ଼ି ବ୍ୟବହାର ହୋଇପାରିବ ନାହିଁ। ସେହିପରି ରାସ୍ତାରେ ମଧ୍ୟ ୧୦ ବର୍ଷର ପୁରୁଣା ବ୍ୟାବସାୟିକ ଯାନ, ୧୫ ବର୍ଷର ପୁରୁଣା ଘରୋଇ ପାସେଞ୍ଜର ଯାନ ଗଡ଼ିବ ନାହିଁ। ଯଦି ଏହା ଗଡ଼ିବ ତେବେ ମାଲିକମାନଙ୍କୁ ଦେବାକୁ ହେବ ଫିଟନେସ ପରୀକ୍ଷା। ଏହା ବାଧ୍ୟତାମୂଳକ। ପରୀକ୍ଷାରେ ଫେଲ ହେଲେ ଯିବ କବାଡି ଥାନାକୁ। ସେହିପରି ଲୁଚାଚୋରାରେ ପୁରୁଣା ଗାଡ଼ି ଚଳାଇଲେ ଧରାପଡ଼ିଲେ ଦେବାକୁ ହେବ ଜରିମାନା। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏବେ ଇଲେକ୍ଟ୍ରିକ ଯାନ ଉପରେ ସରକାର ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି। କାରଣ ଏହାଦ୍ୱାରା ବାୟୁ ପ୍ରଦୂଷଣର ସମ୍ଭାବନା ନାହିଁ। ସେହିପରି ଇଥାନଲ ମିଶ୍ରିତ ଇନ୍ଧନ ଉପରେ ଜୋର ଦିଆଯାଉଛି। ଯାହାଦ୍ୱାରା ଗାଡ଼ିରୁ ବାହାରୁଥିବା ଧୂଆଁ ପରିବେଶକୁ ଅଧିକ କ୍ଷତି ପହଞ୍ଚାଇବ ନାହିଁ। ବର୍ତ୍ତମାନ ଯେଉଁସବୁ ପୁରୁଣା ଗାଡ଼ି ଚାଲୁଛି ତାହା ପରିବେଶ ପାଇଁ




କ୍ଷତିକାରକ। ତେଣୁ ଏହାକୁ ସ୍କ୍ରାପ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ନିଜର ପୁରୁଣା ଗାଡ଼ିକୁ ହରାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ନୂଆ ନୀତିରେ ଦିଆଯାଇଛି ସୁବିଧା। ଗାଡ଼ିର ସ୍କ୍ରାପ ମୂଲ୍ୟ ବାବଦରେ ବ୍ୟକ୍ତିବିଶେଷଙ୍କୁ ନୂଆ ଗାଡ଼ି ସମୟରେ ରୋଡ ଟ୍ୟାକ୍ସରୁ ମଧ୍ୟ ରିହାତି ଦିଆଯିବ। କିଛି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବା ମଧ୍ୟ ଆରମ୍ଭ କଲେଣି। ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପ୍ରୋତ୍ସାହନର ଘୋଷଣା ମଧ୍ୟ ଦିଆଗଲାଣି। ପୁରୁଣା ଗାଡ଼ି ହଟିବା ନିଷ୍ପତ୍ତି ନିଆଯାଇଥିବାରୁ ଏବେ ଗାଡ଼ି ନିର୍ମାତାମାନେ ମଧ୍ୟ ବାଧ୍ୟରେ ପରିବେଶ ଅନୁକୂଳ ଗାଡ଼ି ତିଆରି ଉପରେ ଅଧିକ ଗୁରୁତ୍ୱ ଦେବେ। ଦେଶର ସ୍ୱାର୍ଥ ଓ ବଦଳୁଥିବା ପରିବେଶକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେବା ଯେତିକି ଦରକାର ତା'ଠାରୁ ଅଧିକ ଦାୟିତ୍ୱ ହେଉଛି ସାଧାରଣ ଲୋକଙ୍କର। ପୁରୁଣା ଗାଡ଼ି ପ୍ରଚଳନ ଅର୍ଥନୀତି ପାଇଁ ମଧ୍ୟ ବୋଝ। ତେଣୁ ସରକାରଙ୍କୁ ଏହି ସ୍କ୍ରାପ ପଲିସକୁ ଆହୁରି ବ୍ୟାପକ ଓ ବିସ୍ତୃତ କରିବା ଦରକାର। ଏଥିସହ ସ୍କ୍ରାପ ଉଦ୍ୟୋଗମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବା ଆବଶ୍ୟକ। ସେହିପରି ଲୋକେ ମଧ୍ୟ ବୁଝିବା ଦରକାର ଯେ, ସରକାର ଜବରଦସ୍ତି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ଗାଡ଼ିକୁ ହଟାଉନାହାଁନ୍ତି। ଏହା ଦେଶର ସ୍ୱାର୍ଥ ପାଇଁ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨/୯୨୦୪୬୫୨୦୬୫, E-mail : badal009bhuyan@gmail.com

## ଗାନ୍ଧୀବାଦୀ ଗୋଲକ ଦାସଙ୍କ ବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମର ପ୍ରଖ୍ୟାତ ଗାନ୍ଧୀବାଦୀ, ଭୂଦାନ ଆନ୍ଦୋଳନର ପୁରୋଧା ତଥା ବିନୋବା ଭାବେଙ୍କ ସହଯୋଗୀ ଗୋଲକ ଦାସଙ୍କର ୮୯ ବର୍ଷ ବୟସରେ ଗତ ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସାରା କେନ୍ଦ୍ରାପଡା ଜିଲ୍ଲାରେ ଗଭୀର ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଧୂମାତ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଭାରତ ସ୍ୱାଧୀନତା ପରେ ମଧୁବାବୁଙ୍କ ଗ୍ରାମ ସତ୍ୟଭାମାପୁର ଗ୍ରାମରେ ଥିବା କସ୍ତୁରବା ବାଳାଶ୍ରମର ତତ୍ତ୍ୱାବଧାନରେ ଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ଓଡିଶାର ବିଭିନ୍ନ ସ୍ଥାନରେ ସର୍ବୋଦୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତଃ ଦାସଙ୍କ ବିୟୋଗରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡଃ. ସିପ୍ରା ମଲିକ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବ୍ଲକ ଅଧକ୍ଷା ରଶ୍ମୀତା ସେଠୀ, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଦୁଷ୍ମନ୍ତ ମଲିକ, ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଶିକ୍ଷକ ଆନ୍ଦୋଳନ ସ୍ଥଗିତ, ସମସ୍ୟାର ସମାଧାନ ହେବ ତ ?



ତିନି ଦଫା ଦାବି ନେଇ ଭୁବନେଶ୍ୱରରେ ଚାରି ଦିନ ହେଲା ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ବୁଧବାର ରାଜ୍ୟ ସରକାରଙ୍କ ସହ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏନେଇ ମହାସଂଘର ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଡିସେମ୍ବର ୨୦ତାରିଖ ଯାଏ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ୧୬ରୁ ୨୦ ତାରିଖ ଭିତରେ ଦାବି ପୂରଣ ନ ହେଲେ ୨୧ ତାରିଖରୁ ପୁନର୍ବାର ଆନ୍ଦୋଳନକୁ ତ୍ରୀବତର କରାଯିବ। ଏଥିସହିତ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି



କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାଥମିକ ଶିକ୍ଷାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସହ ୨୦୦୧ରୁ ନିଯୁକ୍ତ ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷାସହାୟକ ଓ କନିଷ୍ଠ ଶିକ୍ଷକଙ୍କ ମୂଳ ଚାକିରିକୁ ସରକାରୀ ସେବା ରୂପେ ଗଣନା କରି ୬ଟି ପଦୋନ୍ନତି ପ୍ରଦାନ, ସେହିପରି ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ସପ୍ତମ ବେତନ ଅନୁଯାୟୀ କେନ୍ଦ୍ରୀୟ ହାରରେ ଦରମା ଏବଂ ୨୦୦୫ରୁ ନିଯୁକ୍ତ କର୍ମଚାରୀଙ୍କ ନୂତନ ପେନ୍‌ସନ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ଦାବି ନେଇ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦୁଇ ଥର ଆଲୋଚନା ହୋଇ ଦୁଇ ଥର ବିଫଳ ହେବା ପରେ ବୁଧବାର ଆନ୍ଦୋଳନରତ ଶିକ୍ଷକଙ୍କ ସହ ସରକାରଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁସାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ। ଏଥିରେ ଉନ୍ନୟନ କମିଶନର, ଅର୍ଥ ବିଭାଗ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବ ରହିବେ। ଏହି କମିଟି ଆସନ୍ତା ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଶିକ୍ଷକ ଦାବି ନେଇ ଆଲୋଚନା କରିବେ ଓ ନିଷ୍ପତ୍ତି ନେବେ। ଏହି ଆଶାରେ ବିଶ୍ୱାସ ନେଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଛାତ୍ରଛାତ୍ରୀଙ୍କ ହିତଦୃଷ୍ଟିରୁ ପ୍ରାଥମିକ ଶିକ୍ଷକ ମହାସଂଘ ଏଭଳି ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ଆବଶ୍ୟକ।

ମହାନ୍ ଦାର୍ଶନିକ ଭୋଲଟାୟାରଙ୍କ ମତରେ ଶିକ୍ଷାରୁ ଆସେ ଚେତନା, ଚେତନାରୁ ସୃଷ୍ଟିହୁଏ ବିପ୍ଳବ ଏବଂ ବିପ୍ଳବ ଆଣିଥାଏ ପରିବର୍ତ୍ତନ। ପ୍ରତ୍ୟେକ ଦେଶର ଉନ୍ନତି ପଛରେ ସୁଦୃଢ ଶିକ୍ଷାବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟଅର୍ଥରେ କହିଲେ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। ଏକ ଲୋକପ୍ରିୟ କାହାଣୀ କୁହେ-"ଯଦି ତୁମେ ଆଗାମୀ ଏକବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।" ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ହେଉଛି ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ସ୍ଥିତି ଅତି ଦୟନୀୟ । ସେହିପରି ଶିକ୍ଷକଙ୍କ ଅବସ୍ଥା ମଧ୍ୟ ତଦ୍ରୁପ। ଜଣାପଡ଼ିଛି ଯେ ରାଜ୍ୟରେ ବିଭିନ୍ନ ବିଦ୍ୟାଳୟରେ ୫୦ ହଜାରରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଅସ୍ଥାୟୀ ଅତିଥି ଶିକ୍ଷକ ଚଳାଉଛନ୍ତି ବିଦ୍ୟାଳୟ। ଏପରିକି ରାଜ୍ୟ ସରକାରଙ୍କ ପରିଚାଳିତ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଶିକ୍ଷକ ପଦ ଖାଲି ପଡ଼ିଛି। ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତରରେ ସ୍ଥାୟୀ ନିଯୁକ୍ତି କେବେ ହେବ ବୋଲି ପ୍ରଶ୍ନରେ ମନ୍ତ୍ରୀ କହିଲେ ପର୍ଯ୍ୟାୟକ୍ରମେ ନିଯୁକ୍ତି ହେବ ବୋଲି ଉତ୍ତର ରଖିଥିଲେ। ସେହିପରି ଅସ୍ଥାୟୀ ନିଯୁକ୍ତି କେବେ ବନ୍ଦ ହେବ ବୋଲି ପ୍ରସଙ୍ଗରେ ମନ୍ତ୍ରୀ କହିଥିଲେ ଯେ ସ୍ଥାୟୀ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅତିଥି ଶିକ୍ଷକଙ୍କ ନିଯୁକ୍ତି ଦିଆଯାଉଛି। ସେହିପରି ରାଜ୍ୟ ସରକାର ୨୦୦୧ ମସିହାରେ ପ୍ରାଥମିକ ବିଦ୍ୟାଳୟରେ ବହୁଳ ଭାବରେ ଲାଗୁ କରିଥିବା ଠିକା ଶିକ୍ଷକ ନିର୍ଦ୍ଦେଶ ଯୁକ୍ତିକୁ ଅଣଦେଖା କରିଛନ୍ତି। ଅପରପକ୍ଷେ ୨୦୧୩ ମସିହାଠାରୁ ଠିକା ଶିକ୍ଷକ ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି। ଏହା ଏକ ବିଡ଼ମ୍ବନାର ବିଷୟ।

ସୂଚନାଯୋଗ୍ୟ ଯେ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକୁ ସରକାର ବିଭିନ୍ନ ସମୟରେ ସରକାରୀ ଅନୁଦାନ ଦେଇଆସୁଛନ୍ତି । ଏ କ୍ଷେତ୍ରରେ ୧୯୬୯ ମସିହାର ପ୍ରଥମ ଶିକ୍ଷା ଆଇନ ଏକ ମାଇଲ୍‌ଖୁଣ୍ଟ ହୋଇ ରହିଆସିଛି । ଏହି ଆଇନ୍‌କୁ ଭିତ୍ତି କରି ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୨ ମସିହାରେ ସମାନ କାମକୁ ସମାନ ଦରମା ଆଇନ୍ ଓ ଏହାପରେ ୧୯୭୪ ମସିହାରେ ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ ଆଇନ ଅନୁସାରେ ପୂର୍ଣ୍ଣ ଅନୁଦାନ ଦେଇ ସେମାନଙ୍କୁ ପରିଚାଳନା କମିଟିର ସିଧାସଳଖ ହସ୍ତକ୍ଷେପ ଓ ଦୌରାତ୍ମ୍ୟରୁ ମୁକ୍ତ କରାଗଲା । ଏହି ସମୟରେ ଶିକ୍ଷକମାନେ ଭାବିଥିଲେ ଯେ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥା ଏକ ଚିରସ୍ଥାୟୀ ନିୟମ। ମାତ୍ର ଏହାର ୩୦ ବର୍ଷ ପରେ ୨୦୦୪ ମସିହାରେ ଆର୍ଥିକ ସଂସ୍କାର ଆଳରେ ଓ ଡି.ଏଫ୍.ଆଇ.ଡି. ଓ ବିଶ୍ୱବ୍ୟାଙ୍କ ଚାପରେ ତତ୍‌କାଳୀନ ସରକାର ବିଧାନସଭାରେ ଆଇନ୍ ପ୍ରଣୟନ କରି ପୂର୍ବ ପ୍ରଚଳିତ ପ୍ରତ୍ୟକ୍ଷ ଅନୁଦାନ ବ୍ୟବସ୍ଥାକୁ ବାତିଲ କରି ଘୃଣ୍ୟ ବ୍ଲକ ଗ୍ରାଣ୍ଟ ବା ମୁଣ୍ଡାମୁଣ୍ଡି ଦରମା ଦେବାର ବ୍ୟବସ୍ଥା କଲେ। ଏହି ବ୍ୟବସ୍ଥା ବିରୁଦ୍ଧରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଭାଗରେ ବିଭକ୍ତ ହୋଇଥିବା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ୪୮୮ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ ବର୍ଗ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମୟରେ ଓ ବିଶେଷ କରି ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏ ସବୁର ଫଳସ୍ୱରୂପ ୧୯୮୨ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକ ମଧ୍ୟରୁ ୧୦୮୫ ହାଇସ୍କୁଲକୁ ପେ, ଗ୍ରେଡ୍ ପେ ମିଳିଛି, ପୂର୍ବ ମୁଣ୍ଡାମୁଣ୍ଡି ବ୍ଲକଗ୍ରାଣ୍ଟ ବେତନ ବଦଳରେ ୪୮୮ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ପେ, ଗ୍ରେଡ୍ ପେ ସହ ୫ଟି ଇନ୍‌କ୍ରିମେଣ୍ଟ ଏବଂ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ପେ, ଗ୍ରେଡ୍ ପେ ସହ ଗୋଟିଏ ଇନ୍‌କ୍ରିମେଣ୍ଟ ମିଳିଛି ।

ଏଠାରେ ପ୍ରଶ୍ନ ଉଠେ ଗୋଟିଏ ବୃତ୍ତିରେ ଥାଇ, ସମାନ କାମ କରି, ବେତନରେ ଶିକ୍ଷକ ଓ ଅଧ୍ୟାପକମାନଙ୍କ କ୍ଷେତ୍ରରେ ଏ ତାରତମ୍ୟ କାହିଁକି ? ଉଦାହରଣ ଦେଇ କୁହାଯାଇପାରେ ପ୍ରାଥମିକ ସ୍ତରରେ ଜଣେ ନିୟମିତ ଶିକ୍ଷକ ୧୪,୮୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଦରମା ପାଉଥିବା ବେଳେ ଜଣେ ଗଣଶିକ୍ଷକ ୩,୫୦୦ଟଙ୍କା, ଶିକ୍ଷା ସହାୟକ ୫,୨୦୦ଟଙ୍କା କନିଷ୍ଠ ଶିକ୍ଷକ ୭,୦୦୦ଟଙ୍କା, ହାଇସ୍କୁଲ ସ୍ତରରେ ଜଣେ ନିୟମିତ ଶିକ୍ଷକ ୨୫,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିଲା ବେଳେ ଜଣେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ୫,୬୦୦ ଟଙ୍କା, ଚୁକ୍ତିଭିତ୍ତିକ ଶିକ୍ଷକ ୯,୩୦୦ଟଙ୍କା, କଲେଜ ସ୍ତରରେ ଜଣେ ୟୁଜିସି ଅଧ୍ୟାପକ ୯୦,୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ଦରମା ପାଉଥିବାବେଳେ ରାଜ୍ୟ ବେତନ ପାଉଥିବା ଅଧ୍ୟାପକ ୩୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ୪୮୮ ବର୍ଗର ଅଧ୍ୟାପକ ୧୬,୩୨୦ ଟଙ୍କା ଓ ୬୬୨ ବର୍ଗର ଅଧ୍ୟାପକ ୧୪,୧୩୦ ଟଙ୍କା ପାଉଛନ୍ତି । ସେହିପରି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି । ଏଠି କିଏ ପାରା ଶିକ୍ଷକ, ଗଣଶିକ୍ଷକ, ଶିକ୍ଷାସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ତ କିଏ ବ୍ଲକଗ୍ରାଣ୍ଟ ଶିକ୍ଷକ। ସେହିପରି କଲେଜ ସ୍ତରରେ କିଏ ବ୍ଲକଗ୍ରାଣ୍ଟ ପାଉଥିବା ଅଧ୍ୟାପକ କର୍ମଚାରୀ ତ କିଏ ରାଜ୍ୟ ବେତନ ଆଉ ୟୁଜିସି ବେତନ ପାଉଥିବା ଅଧ୍ୟାପକ ଓ କର୍ମଚାରୀ । କାହିଁ ଅତୀତରେ ଶିକ୍ଷକମାନଙ୍କ ବେତନରେ ଏତେ ତାରତମ୍ୟ ନଥିଲା କି ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଇ ନ ଥିଲା ?

ସବୁଠୁ ବଡ ସମ୍ବେଦନଶୀଳ ପ୍ରସଙ୍ଗ ହେଲା ପୂର୍ବର ସେ ଶକ୍ତିଶାଳୀ ଶିକ୍ଷକ ସଂଗଠନ ଆଉ ନାହିଁ କି ସେପରି ଅଦମନୀୟ ନେତା ଆଉ ନାହାଁନ୍ତି । ନିଖିଳ ଉତ୍କଳ ଶିକ୍ଷକ ମହାସଂଘଠାରୁ ଆରମ୍ଭ କରି କଲେଜ ଶିକ୍ଷକ ସଂଘ, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଭଳି ମୂଳ ସଂଗଠନଗୁଡିକ ଆଜି ବହୁଧା ବିଭକ୍ତ । ଫଳରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ, ଶିକ୍ଷା ସହାୟକ ମହାସଂଘ, ନିଖିଳ ଉତ୍କଳ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ, ୪୮୮ ବର୍ଗ କଲେଜ ଶିକ୍ଷକ ସଂଘ, ୬୬୨ବର୍ଗ କଲେଜ ଶିକ୍ଷକ ସଂଘ, ୟୁଟିଆଇ ସଂଘ ଓ ଓଡିଶା ବିଦ୍ୟାଳୟ ପରି ଭଳିକି ଭଳି ଶିକ୍ଷକ ସଂଗଠନ ସୃଷ୍ଟି ହୋଇଛି । ଫଳରେ ସଂଗଠନଗୁଡିକର ମୂଳଚାଲ ଶକ୍ତି ହ୍ରାସ ପାଇଛି, ଯାହା ପରୋକ୍ଷରେ ସରକାରଙ୍କୁ ସୁବିଧାଜନକ ସ୍ଥିତିରେ ରଖିଛି । ଆନ୍ଦୋଳନ ସମୟରେ ସରକାର କୌଣସି ଗୋଟିଏ ଗୋଷ୍ଠୀକୁ କିଛି ଦେଇ ସନ୍ତୁଷ୍ଟ କରିବା ନୀତିକୁ ଆପଣେଇ ନେଉଥିବାବେଳେ ସଂଗଠନଗୁଡିକ ମଧ୍ୟ ବାଧ୍ୟବାଧ୍ୟକତାରେ ହେଉ ବା ଅବସ୍ଥା ଦେଖି ବ୍ୟବସ୍ଥା ପାଇଁ ହେଉ, "କାନ୍ଦୁଥା, ଯାହା ପାଉଛୁ ବାନ୍ଧୁଥା" ନ୍ୟାୟରେ ସରକାରଙ୍କ କଥାକୁ ବାଧ୍ୟ ଶିଶୁ ପରି ମାନି ନେଉଛନ୍ତି । ପରିଣାମ ସ୍ୱରୂପ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ନିଜର ମନ୍ଦ ଭାଗ୍ୟକୁ ଆଦରି ଶିକ୍ଷାଦାନରେ ବ୍ରତୀ ରହିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟ ସରକାରଙ୍କ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି ଶିକ୍ଷକ ଓ ଅଧ୍ୟାପକମାନଙ୍କଠାରୁ ଅଧିକ ଦରମା ପାଉଛନ୍ତି । ଅଥଚ ସର୍ବୋଚ୍ଚ ଡିଗ୍ରୀ ହାସଲ କରିଥିବା ଶିକ୍ଷକ ଓ ଅଧ୍ୟାପକ କେମିତି ଏକ ବ୍ୟତିକ୍ରମ ହୋଇରହିଛନ୍ତି ?

ନିକଟ ଅତୀତରେ ସରକାର ଯେଉଁ ଠିକା ନିଯୁକ୍ତିକୁ ଉଚ୍ଛେଦ କରିଛନ୍ତି ସେଥିରେ ହିତାଧିକାରୀଙ୍କ ସଂଖ୍ୟା ବହୁତ କମ୍। ଏଥିରେ ମାତ୍ର ୬୯ ହଜାର ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଖାଲି ସେତିକି ନୁହେଁ ୨୦୦୪ ମସିହାଠାରୁ ଏପର୍ଯ୍ୟନ୍ତ ଯେତେଗୁଡିଏ ସଂଶୋଧିତ ଅନୁଦାନ ନୀତି ପ୍ରଣୟନ କରାଯାଇଛି, ସେଥିରେ କେଉଁଠି ଇନ୍‌କ୍ରିମେଣ୍ଟ ନାହିଁ ତ କେଉଁଠି ମହଙ୍ଗା ଭତ୍ତା ନାହିଁ । ପୁଣି କେଉଁଠି ଜି.ପି.ଏଫ୍. ନାହିଁ ତ କେଉଁଠି ଅବସରକାଳୀନ ସୁବିଧା-ସୁଯୋଗ ନାହିଁ । ଆଉ କେତେ ଦିନ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଏମିତି ହିନସ୍ତା ହେଉଥିବେ ? ଏବେ ବି ସମୟ ଅଛି। ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ଜରୁରୀ ମନେହୁଏ। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଯଦି ସେମାନଙ୍କ ଦାବି ପୂରଣ ନେଇ ବାରମ୍ବାର ରାଜରାସ୍ତାକୁ ଆସିବେ, ତାହାହେଲେ ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଆମକୁ ମନେରଖିବାକୁ ହେବ ଯେ ଶିକ୍ଷା ହିଁ ପ୍ରଗତିର ମାପକାଠି ଓ ଶିକ୍ଷକମାନେ ହେଉଛନ୍ତି ଶିକ୍ଷା ବ୍ୟବସ୍ଥାର ମେରୁଦଣ୍ଡ।

**ହିମାଂଶୁଶେଖର ଆଚାର୍ଯ୍ୟ**, ଅବସରପ୍ରାପ୍ତ ଅଧ୍ୟାପକ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ

ଦାନଗଦି ,(ପି.ଏନ): ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବା ପ୍ରତିବଦ୍ଧତାକୁ ଦୋହରାଇବା ସହ ଜାତିସଂଘ ପକ୍ଷରୁ ଘୋଷଣା କରାଯାଇଥିବା " ବିଟ୍ ଦି ପ୍ଲାଷ୍ଟିକ୍' ବିଷୟବସ୍ତୁ ଅନୁସାରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍) ପକ୍ଷରୁ ସୋମବାର ଯାଜପୁର ଜିଲ୍ଲାର କଳିଙ୍ଗନଗର କାରଖାନା ପରିସରରେ ବହୁସଂଖ୍ୟକ ବୃକ୍ଷରୋପଣ ସହ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି ।ପରିବେଶ ଦିବସ ପାଳନ ଅଂଶ ସ୍ୱରୂପ କାରଖାନା ପରିସରରେ ବିଭିନ୍ନ ସ୍ଥାନରେ ୨୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି । ବହୁସଂଖ୍ୟକ ବୃକ୍ଷରୋପଣ ବ୍ୟତୀତ ପରିବେଶ ଦୀର୍ଘସ୍ଥାୟିତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଲାଗି ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଏବଂ କର୍ମଚାରୀମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଲୋଗାନ ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥି ସହିତ ନିକଟସ୍ଥ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରେ ୬୫୦ ଫଳ ଧାରଣକାରୀ ଚାରା ବଂଟନ କରାଯିବା ସହ କାରଖାନା ପରିସର ଓ ଆଖପାଖ ଅଂଚଳରେ ପ୍ଲାଷ୍ଟିକ୍ ସଫେଇର ଏକ ଅଭିଯାନ ଆୟୋଜନ କରାଯାଇଥିଲା । ଏହି ଅବସରରେ କଳିଙ୍ଗନଗର ଟ୍ରେନିଂ ସଂଟର ପ୍ଲଟ-୨ରେ ଟିଏସ୍‌ର ଉପସଭାପତି (ଅପରେସନ୍) ରାଜୀବ କୁମାର ଏକ " ହର୍ବାଲ୍ ଓ ମସଲା ଉଦ୍ୟାନ'କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଟିଏସ୍‌ର ମୁଖ୍ୟ (ମେକାନିକାଲ୍ ମେଟେନାନ୍ସ) ଶଙ୍କର ବିଶ୍ୱାସ, ମୁଖ୍ୟ (ଇଲେକ୍ଟ୍ରିକାଲ୍ ମେଟେନାନ୍ସ) ଅଜିତ କର, ମୁଖ୍ୟ ଇଲେକ୍ଟ୍ରିକାଲ୍ ମେଟେନାନ୍ସ (ସିଏସ୍‌ଇ ଓ ଆର୍‌ଏମ୍‌ଏଚ୍) ପଙ୍କଜ ଭୁରେ, ମୁଖ୍ୟ-ୟୁଟିଲିଟିଜ୍ ଆଣ୍ଡ୍ ପାୱାର ସିଷ୍ଟମ୍ ପଦୀପ ଚକ୍ରବର୍ତୀ, ସିକ୍ୟୁରିଟି ବିଭାଗର ମୁଖ୍ୟ ପ୍ରକାଶ ସଂଜୟ ଓ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଉଦ୍ୟାନରେ ରହିଛି ୧୨୦ ପ୍ରକାରର ହର୍ବାଲ ଓ ୧୪ ପ୍ରକାରର ମସଲା ଉଦ୍ଭବ । ଟ୍ରେନିଂ ସଂଟର ଅଡିଟୋରିୟମ୍‌ରେ ଆୟୋଜିତ ଏକ ମେଗା କାର୍ଯ୍ୟକ୍ରମ ସହ ପରିବେଶ ଦିବସ ଉତ୍ସବ ପାଳନର ସମାପନ ହୋଇଥିଲା ଯେଉଁଠାରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ସ୍ୱରୂପ ସାର୍ଟିଫିକେଟ ଓ ଉପହାର ପ୍ରଦାନ କରାଯାଇଥିଲା ।

# ୫ଟି ଜିଲ୍ଲାର ୩୨୩ଟି ରୂପାନ୍ତରିତ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ସାଧାରଣ ଜୀବନରେ ସାଧୁତା ହେଉଛି ଏକ ଜରୁରୀ ଆବଶ୍ୟକତା । ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଏ। ତାର ବ୍ୟକ୍ତିଗତ ସମ୍ମାନ ଓ ମର୍ଯ୍ୟାଦା ବୃଦ୍ଧି ପାଏ। ଏସବୁର ପ୍ରୟୋଗ ଦ୍ୱାରା ଜୀବନରେ ଆସିଥାଏ ରୂପାନ୍ତର ବା ସଫଳତା। ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କୁ ୫-ଟି ରୂପାନ୍ତର ସଂପର୍କରେ ବୁଝାଇ ସାଧୁତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଆଜି ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ପଂଚମ ଦିନରେ ୫ଟି ଜିଲ୍ଲାର ୩୨୩ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିରେ ଖୋର୍ଦ୍ଧା ଜିଲ୍ଲାର ୬୨ଟି ହାଇସ୍କୁଲ, ବରଗଡ ଜିଲ୍ଲାର ୬୨ଟି, ମୟୁରଭଂଜ ଜିଲ୍ଲାର ୧୦୦ଟି, ବୌଦ୍ଧ ଜିଲ୍ଲାର ୨୩ଟି ହାଇସ୍କୁଲ ଏବଂ ନବରଙ୍ଗପୁର ଜିଲ୍ଲାର ୭୬ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟରେ ପଂଚମ ଦିନରେ ସମୁଦାୟ ୧୮୧୬ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେଲା। ସୂଚନାଯୋଗ୍ୟ ଯେ ଗତ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ଟି ସ୍କୁଲ ରୂପାନ୍ତରିତ ହୋଇଥିଲା। ତିନୋଟି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ସ୍କୁଲ ରୂପାନ୍ତରିତ ହେବ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲ ରୂପାନ୍ତରର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନା ଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି । କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମଧ୍ୟ ସେମାନେ ଜାଣନ୍ତି। ତେଣୁ ସ୍କୁଲ ରୂପାନ୍ତର ହେଉଛି, ଜନ ଭାଗିଦାରୀର ଏକ ପ୍ରକୃଷ୍ଟ ଉଦାହରଣ । ଆଜି ସ୍କୁଲ ରୂପାନ୍ତରର ତୃତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଛାତ୍ରଛାତ୍ରୀ ମାନଙ୍କ ସଫଳତା ହେଉଛି ଓଡିଶାର ସଫଳତା । ୫-ଟି ସ୍କୁଲ ଗୁଡିକରେ ପିଲାମାନଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡିଶାର ଗୌରବ ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

କାର୍ଯ୍ୟକ୍ରମରେ ୫-ଟି ସ୍କୁଲ ରୂପାନ୍ତର ସଂପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଖୋର୍ଦ୍ଧା ଜିଲ୍ଲାର ଛାତ୍ରୀ ରୂପାଲି ଲୋକାମୁଦ୍ରା ପଣ୍ଡା, ବରଗଡର ଛାତ୍ରୀ ଚଂଚଳା ଧାରୁଆ, ମୟୁରଭଂଜର ସୋହାନୀ ଧଳ, ବୌଦ୍ଧର ସ୍ୱାତୀ ସିମରନ ଚିନାର ଓ ନବରଂଗପୁରର ବୈଷ୍ଣବି ହରିଜନ ପ୍ରମୁଖ କହିଲେ ଯେ ୫-ଟି ସ୍କୁଲ ରୂପାନ୍ତର କେବଳ ଆମ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଉନ୍ନତ କରିଛି। ଏହାଦ୍ୱାରା ଆମେ ଜୀବନରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ ବୋଲି ଦୃଢ ନିଶ୍ଚିତ ହୋଇଛୁ। ଏହାସହିତ ଆମ ରାଜ୍ୟ ଓଡିଶା ପାଇଁ ମଧ୍ୟ ନିଜର ଅବଦାନ ରଖିପାରିବୁ ବୋଲି ଭାବୁଛୁ। ସବୁ କ୍ଷେତ୍ରରେ ଓଡିଶାକୁ ଶ୍ରେଷ୍ଠ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପିଲାମାନେ କହିଥିଲେ ଯେ ଆମ ନିଶ୍ଚୟ ପଢିବୁ, ବଢିବୁ ଓ ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବୁ। ଏହାସହିତ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ପାଇଁ ମେଡିକାଲ ଓ ଇଂଜିନିଅରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାରୁ, ସେମାନଙ୍କ ସାକାର ହେବା ଆହୁରି ସହଜ ହୋଇଛି ବୋଲି ସେମାନେ କହିଥିଲେ। ସେମାନେ ସମସ୍ତେ ବଡ ହେଲେ ଡାକ୍ତର, ଶିକ୍ଷକ ଓ ଇଂଜିନିଅର ଆଦି ହେବାପାଇଁ ସ୍ୱପ୍ନ ଦେଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶୀର୍ବାଦ ଦେଇଥିଲେ। ।ର୍ଯ୍ୟକ୍ରମରେ ଉପସ୍ଥିତ ଖୋର୍ଦ୍ଧା ଜିଲ୍ଲାରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ବରଗଡରେ ଅତାବିରା ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ମୟୁରଭଂଜରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ବୌଦ୍ଧରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ନବରଂଗପୁରରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ସେମାନଙ୍କ ମତାମତ ରଖି କହିଥିଲେ ଯେ ସ୍କୁଲ ରୂପାନ୍ତର ଦ୍ୱାରା ଶିକ୍ଷା ବାତାବରଣରେ ଉନ୍ନତି ଆସିବା ସହିତ ପିଲାମାନଙ୍କୁ ଡିଜିଟାଲ ଦୁନିଆ ସହିତ ଯୋଡି ପାରିଛି। ଏହାଦ୍ୱାରା ସେମାନେ ଆଧୁନିକ ଯୁଗର ଟେକ୍‌ନୋଲୋଜି ସହିତ ନିଜକୁ ସାମିଲ କରିବାରେ ଅଧିକ ସହଜ ହୋଇପାରିବେ। ଏହା ସେମାନଙ୍କୁ ଭବିଷ୍ୟତରେ ସବୁ କ୍ଷେତ୍ରରେ ସଫଳ କରିବା ଦିଗରେ ସାହାଯ୍ୟ କରିବ ବୋଲି ସେମାନେ ମତ ଦେଇଥିଲେ ।କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ ସ୍କୁଲ ରୂପାନ୍ତରରେ ଯେଉଁ ସବୁ ସମ୍ପତ୍ତି ବା ଆସେଟ୍ ସୃଷ୍ଟି ହୋଇଛି, ସେ ସବୁ ସାରା ଓଡିଶାବାସୀଙ୍କ ଟଙ୍କାରେ ନିର୍ମିତ ହୋଇଛି ବୋଲି ପ୍ରକାଶ କରି ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ସ୍କୁଲର ଆସେଟ୍ ଗୁଡିକର ରକ୍ଷଣାବେକ୍ଷେଣ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରନ୍ତି ।

# ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ

ଝାରସୁଗୁଡା / ଭୁବନେଶ୍ୱର, (ପି.ଏନ): ଝାରସୁଗୁଡାରେ ଉପନିର୍ବାଚନକୁ ନେଇ ଜିଲ୍ଲାବାସୀଙ୍କ ମନରେ ପରିବର୍ତନକୁ ନେଇ ଉଦୀପନା ବଢ଼ିଛି ଓ ଉତ୍ସାହ ଦେଖାଦେଇଛି। ରାଜ୍ୟ ସରକାରରେ ଥିବା କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ଏହି ଉପନିର୍ବାଚନ ହେଉଛି ଯାହା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ମନ୍ତ୍ରୀଙ୍କ ହତ୍ୟାର କୌଣସି କାରଣ ଖୋଜି ବାହର କରିବାରେ ବିଫଳ। ରାଜ୍ୟରେ ଜଣେ ମନ୍ତ୍ରୀ ଯଦି ସୁରକ୍ଷିତ ନୁହେଁ ତାହାଲେ ସାଧାରଣ ଲୋକେ କେତେ ସୁରକ୍ଷିତ ? ନବୀନ ବାବୁ ଝାରସୁଗୁଡାରେ କ'ଣ କହି ଭୋଟ ଭିକ୍ଷା କରିବେ ତାହାର ଜବାବ ଦିଅନ୍ତୁ। ଚଳିତ ଝାରସୁଗୁଡା ଉପନିର୍ବାଚନ ଏକ ଅସ୍ୱାଭାବିକ ବୋଲି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି ।ଝାରସୁଗୁଡା ଉପନିର୍ବାଚନ ପାଇଁ ଉଦୁଉଦିଆ ଖରାକୁ ଖାତିର ନକରି ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ଆସିଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଆଜି କିରମିରା ବ୍ଲକର ବିଭିନ୍ନ ଗାଁ ଗାଁ ଯାଇ ବାଇକ ରାଲି ଓ ରୋଡ ସୋ କରିଥିଲେ। ଏହି ଅବସରରେ ଶ୍ରୀ ଟୁଡୁ କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ବାସଗୃହ, ଶୌଚାଳୟ, ପାଣି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଇତ୍ୟାଦି ସମସ୍ତ ବ୍ୟବସ୍ଥା ଯୋଗାଇ ଦେଇଛନ୍ତି କିନ୍ତୁ ମୁଖ୍ୟମନ୍ତ୍ରୀ ଜନତାଙ୍କ ପାଖରେ ଏହି ଯୋଜନା ପଂହଚାଇବାରେ ବିଫଳ। କେନ୍ଦ୍ର ସରକାର ଝାରସୁଗୁଡାକୁ ଆଇଟିଡିଏ ମାନ୍ୟତା ଦେଇଥିଲେ ମଧ୍ୟ ନବୀନ ସରକାର କାହିଁକି କାର୍ଯ୍ୟକାରୀ କରୁନାହାନ୍ତି। ମୋଦିଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ଝାରସୁଗୁଡାବାସୀଙ୍କ ଭରସା ଅଛି। ମୋଦିଙ୍କ ଆର୍ଶୀବାଦରେ ଝାରସୁଗୁଡା ତଥା ରାଜ୍ୟର ବିକାଶ ଦୁଇଗୁଣିତ ହେବ। ଝାରସୁଗୁଡାବାସୀ ସଚେତନ ହୋଇଛନ୍ତି ଓ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି ଟୁଡୁ କହିଛନ୍ତି। ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାୟକ ଅନେକ ନେତୃବୃନ୍ଦ ସାମିଲ ହୋଇଥିଲେ। ବିଜେପିର ଲୋକପ୍ରିୟତା ବୃଦ୍ଧିରେ ହତାସ ହୋଇ ପଡିଥିବା ବିଜେଡି ନିଜ ଶେଷ ଅସ୍ତ୍ରଭାବେ ଅସୁସ୍ଥ ଥିବା ମୁଖ୍ୟମନ୍ତ୍ରୀଙ୍କୁ ନିର୍ବାଚନ ପ୍ରଚାର ପାଇଁ ଆଣୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀସବୁ ରହିଥିଲେ ବି କାହା ଉପରେ ଭରସା ନକରି ଅସୁସ୍ଥତା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନିର୍ବାଚନର ପ୍ରଚାର ପାଇଁ ଆସୁଛନ୍ତି। ଶିଳ୍ପସମୃଦ୍ଧ ଝାରସୁଗୁଡା ସହରର ବେକାର ଯୁବକଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି। ଜିଲ୍ଲାବାସୀଙ୍କ ପାଇଁ ପ୍ରଦୂଷଣ ଚିନ୍ତାର ମୁଖ୍ୟ କାରଣ ସାଜିଛି। ଝାରସୁଗୁଡାରେ ସ୍ୱାସ୍ଥ୍ୟ, ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଚାର ଅବସରରେ ମୁଖ୍ୟମନ୍ତ୍ରୀ ଝାରସୁଗୁଡାବାସୀଙ୍କୁ ଏସମସ୍ତ ପ୍ରଶ୍ନର ଜବାବ ଦିଅନ୍ତୁ ରଖିବା ଉଚିତ ବୋଲି ସାଂସଦ ପ୍ରତାପ ଷଡଙ୍ଗୀ କହିଛନ୍ତି। ଆଜି ଝାରସୁଗୁଡାର ସହରର ୱାର୍ଡ ୭, କରତିକେଲା ଗ୍ରାମପଂଚାୟତ, ତଳିପଟିଆ, ପାକେଲପଡା ଗ୍ରାମ ପଂଚାୟତର ବିଭିନ୍ନ ଅଂଚଳ ଯାଇ ଦଳୀୟ ଭୋଟ ଭିକ୍ଷା କରିଛନ୍ତି ଶ୍ରୀ ଷଡଙ୍ଗୀ ।ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଆଜି ଝାରସୁଗୁଡା ସହରର ମଙ୍ଗଳ ବଜାର, ୱାର୍ଡ ନଂ ୨୧ର ବୁରୋମାଲ, ରାମପୁର, ଡୁମେରମୁଣ୍ଡା, ମାଲଦା, ପତରାପାଲିର ମୁଣ୍ଡାପଡା, ଭୁଶୁଙ୍ଗ୍, ବିଶାଳପଡା, ଶ୍ରୀପୁର ଗ୍ରାମ ପଂଚାୟତ, ତୁମ୍ବେକେଲା, କବାଡି, ହେରମା, ରୁଟୁବାହାଲ, କୁକରଜଙ୍ଗ ବଡମାଲ ଗୌଡିପଡା, ତେଲିପଡା, ସାପଡା, ସିଙ୍ଗାବାଗା ଓ ପାଣ୍ଡ୍ରିପଥର, ରଗନପଡାରେ ପଦଯାତ୍ରାରେ ଯାଇ ଘର ଘର ବୋଲି ଭୋଟ ପ୍ରଚାର କରିଥିଲେ ।ରାଜ୍ୟ ସଂପାଦିକା ତଥା ପ୍ରଖ୍ୟାତ ଅଭିନେତ୍ରୀ ପିଙ୍କି ପ୍ରଧାନ ଆଜି ଝାରସୁଗୁଡା ବ୍ଲକ ତାଲପଟିଆରେ ବିଭିନ୍ନ ଅଂଚଳକୁ ଯାଇ ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ପ୍ରଚାର ଅବସରରେ ମା, ଭଉଣୀ ଅତି ଉତ୍ସାହର ସହିତ ଟଙ୍କ ଭାଇଙ୍କୁ ଭୋଟ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିର୍ବାଚନୀ ପ୍ରଚାରରେ ରାଜେନ୍ଦ୍ର ପଣ୍ଡାଙ୍କ ସହ ନେତୃବୃନ୍ଦ ନିର୍ବାଚନମଣ୍ଡଳୀ ଟଙ୍କଧର ତ୍ରିପାଠୀଙ୍କୁ ବହୁ ମାତ୍ରାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ ।ସେହିପରି ସାଂସଦ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେବି ସିଂହଦେବ କିରମିରା ମଣ୍ଡଳର ସମସ୍ତ ଗ୍ରାମ ପଂଚାୟତ, ଜମାଲ ଗ୍ରାମ ପଂଚାୟତର ବିଭିନ୍ନ ଅଂଚଳକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବିଧାୟକ ନାଉରୀ ନାଏକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଭୋଟ ଭିକ୍ଷା କରିଥିଲେ।

# ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଜୁଳିକାଟ୍ ଘଟଣାରେ ରାଜ୍ୟ ସରକାର କ୍ଷମା ମାଗନ୍ତୁ: ବିଜେପି

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଜୁଳିକାଟ୍ ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କଲାଭଳି ଘଟଣା ଘଟିଛି ବାରିପଦାଠାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମହାମହିମ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କଲାଭଳି ଘଟଣା। ଯାହା ରାଜ୍ୟ ସରକାରଙ୍କ ଅବହେଳାକୁ ପ୍ରମାଣିତ କରୁଛି । ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ହାଲକାଭାବେ ଗ୍ରହଣ କରି ଦେଶର ପ୍ରଥମ ନାଗରିକଙ୍କୁ ଅସମ୍ମାନିତ କରାଯାଇଛି। ଯଦ୍ୱାରା ଆଜି ଦେଶରେ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି। ଏନେଇ ରାଜ୍ୟ ସରକାର କ୍ଷମା ମାଗିବା ଆବଶ୍ୟକ ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି ।ମହାମହିମ ରାଷ୍ଟ୍ରପତିଙ୍କ ପ୍ରତି ମିନିଟ୍ ଟୁ ମିନିଟର ପ୍ରୋଗ୍ରାମର ସମସ୍ତ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଥିବା ବେଳେ ଏଥିପ୍ରତି ରାଜ୍ୟ ସରକାର ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାର ବୋଧହୁଏ ଭୁଲି ଯାଇଛନ୍ତି ରାଷ୍ଟ୍ରପତିଙ୍କ ପ୍ରୋଟକଲ୍‌ର ସମସ୍ତ ଟିକିନିକି ଦାୟିତ୍ୱ ତାଙ୍କର ସାମ୍ବିଧାନିକ କର୍ତବ୍ୟ ବୋଲି। ବୋଧହୁଏ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ କନ୍ୟା ଭାବନା ଭିତରେ ରାଜ୍ୟ ସରକାର ରହିଯାଇଛନ୍ତି ବୋଲି ମନେ ହେଉଛି। ଏପରିକି ବିଜୁ ଜନତା ଦଳର କିଛି ପ୍ରମୁଖ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରୋକ୍ଷରେ ଓ ପ୍ରତକ୍ଷ୍ୟରେ ରାଜ୍ୟ ସରକାର ଓ ପ୍ରଶାସନ କଳ ଅଂଟା ଭିଡି ଦେଉଥିବାବେଳେ ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।ରାଜ୍ୟରେ ବ୍ୟାପକ ବିଦ୍ୟୁତକାଟ୍ ହେଉଥିବାର ଅଭିଯୋଗ ସାରା ରାଜ୍ୟରୁ ଆସୁଥିବାବେଳେ ବିଭାଗୀୟ ଶକ୍ତିମନ୍ତ୍ରୀ ବିଜୁଳିକାଟ୍ ହେଉନାହିଁ ବୋଲି ଯୁକ୍ତି ବାଢୁଥିଲେ। ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଜୁଳି କଟିଯିବା ଭଳି ଅଭାବନୀୟ ପରିସ୍ଥିତି ସାଧାରଣରେ ଓଡ଼ିଶାକୁ ନିନ୍ଦିତ କରିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବି ବିଜୁଳିକାଟ୍ କରିବାର ଦକ୍ଷତା ରଖୁଥିବା ରାଜ୍ୟ ସରକାର ରାଜ୍ୟକୁ ନିନ୍ଦିତ କରିବା ସହ ନିଜକୁ ଲୋକହସା ହେବାକୁ ପଛାଇ ନାହାନ୍ତି ବୋଲି ଶ୍ରୀ ମଲ୍ଲିକ ତାଗିଦ୍ୟ କରିଛନ୍ତି।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ । ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନସିପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି ।

2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday June 07, 2023 | ଭୁବନେଶ୍ୱର ବୁଧବାର, ଜୁନ ୦୭,୨୦୨୩ | Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 | www.paryabekhyak.com




## ୱାଇଏମ୍‌ସିଏର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ୱାଇଏମ୍‌ସିଏ ରାଜ୍ୟର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ କାର୍ଯ୍ୟରତ । ଏହି ଅନୁଷ୍ଠାନ ଆଜି ତାର ପ୍ରତିଷ୍ଠା ଦିବସ ଭୁବନେଶ୍ୱର ୱାଇଏମ୍‌ସିଏ ପ୍ରେକ୍ଷାଳୟରେ ପାଳନ କରିଛି । ୧୮୪୪ ମସିହା ଜୁନ୍ ୬ ତାରିଖ ଦିନ ଲଣ୍ଡନ ସହରରୁ ଶିଳ୍ପ ବିପ୍ଳବ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୱାଇଏମ୍‌ସିଏର ପ୍ରତିଷ୍ଠାତା ଥିଲେ ଶାର୍ ଜର୍ଜ ଉଇଲିୟମ୍ । ସେତେବେଳେ ତାଙ୍କୁ ୨୧ ବର୍ଷ ହୋଇଥିଲା । ସେ ତାଙ୍କର କେତେକ ବନ୍ଧୁଙ୍କୁ ଏଥିରେ ସାମିଲ କରିଥିଲେ । ବ ର୍ତ୍ତମାନ ଏହା ସାରା ବିଶ୍ୱରେ ଏକ ଆନ୍ଦୋଳନରେ ପରିଣତ ହୋଇଛି । ସୂଚନା ଯୋଗ୍ୟ ଯେ, ୱାଇଏମ୍‌ସି ତାର କାର୍ଯ୍ୟ ଦକ୍ଷତାକୁ ଏକାକାର କରି ସାରା ବିଶ୍ୱରେ ଏହି ଆନ୍ଦୋଳନକୁ ତୀବ୍ରରୁ ତୀବ୍ରତର କରିବା ସହ ସମଗ୍ର ବିଶ୍ୱକୁ ଏକଜୁଟ କରିବା ପାଇଁ ପ୍ରୟାସ ଅବ୍ୟାହତ ରଖିଛି । ଆଜି ୱାଇଏମ୍‌ସିଏର ସଭାପତି ଡି.କେ. ପ୍ରଧାନ । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଉଦ୍‌ବୋଧନ ଦେବା ସହ ଯୁବକ ଓ ଯୁବତୀମାନେ ଏଥିରେ ସାମିଲ ହେବାକୁ କହିଥିଲେ । ପରେ ସ୍ମୃତି ରଞ୍ଜନ ନାୟକ ଓ ଅସିମ୍ ଦାସ ଆଜିବନ ସଦସ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ମାନବ ସମାଜର ଉନ୍ନତି ଓ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ ନୂତନ ଭାବେ କିଛି ସଦସ୍ୟଙ୍କୁ ଗ୍ରହଣ କରାଯିବା ସହ ସଦସ୍ୟକାର୍ଡ ଓ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ନାୟକ ସଂଯୋଜନା କରିବା ସହ ସେ ତାଙ୍କ ବକ୍ତବ୍ୟରେ ୱାଇଏମ୍‌ସିଏର ଅତୀତ, ବ ର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହ ବିଶ୍ୱରେ ଉକ୍ତ ଅନୁଷ୍ଠାନ କିଭଳି ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ପରିଶେଷରେ ସାମସନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ : ବୃକ୍ଷରୋପଣ ସହ ସଚେତନତା ସାଇକେଲ ରାଲି ଆୟୋଜିତ

ପାରାଦୀପ ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ -୨୦୨୩ ସୋମବାର ଦିନ ସମାରୋହରେ ପାଳିତ ହୋଇଯାଇଛି । ବନ୍ଦରର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି 'ମିଶନ ଲାଇଫ' ବ୍ୟାନରରେ ମଧୁବାନ୍ କଲୋନୀରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଓ ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କ ସହ ସାମିଲ ହୋଇ ଚାରା ରୋପଣ କରିଥିଲେ ।

## ଗନ୍ଧମାର୍ଦ୍ଦନ ପାରମ୍ପରିକ ଔଷଧୀୟ ଉଦ୍ଭିଦକୁ ନେଇ ଆୟୁର୍ବେଦିକ ଚିକିତ୍ସା, ଗ୍ରାମାଂଚଳରେ ବୈଦ୍ୟ ପ୍ରତିଭା ସୃଷ୍ଟି

ବଲାଙ୍ଗିର, (ପି.ଏନ): ନିକଟରେ ଗନ୍ଧମାର୍ଦ୍ଦନ ଆୟୁର୍ବେଦିକ ପାରମ୍ପାରିକ ଔଷଧ ମହାସଂଘ ଖପ୍ରାଖୋଲ ବ୍ଲକର ତେଲେନପାଲି ପଂଚାୟତ ଉଚ୍ଚ ବିଦ୍ୟାଳୟରେ ଏକ ବ୍ଲକ ସ୍ତରୀୟ ବୈଠକ ଆୟୋଜନ କରି ପାଟନାଗଡ଼, ନୂଆପଡା ଏବଂ ସ୍ଥାନୀୟ ବୈଦ୍ୟର ପ୍ରାକୃତିକ ଆରୋଗ୍ୟକାରୀଙ୍କୁ ଏକତ୍ର କରିଥିଲେ । ଆୟୁର୍ବେଦିକ ଚିକିତ୍ସା ହ୍ରାସ ସତ୍ତ୍ୱେ, ଏହି ଉତ୍ସର୍ଗୀକୃତ ଆରୋଗ୍ୟକାରୀମାନେ ଗନ୍ଧମାର୍ଦ୍ଦନ ପାହାଡରୁ ଔଷଧ ଆଣି ନିରପେକ୍ଷ ସେବା ପ୍ରଦାନ କରନ୍ତି, ଯାହା ୨୦୨୩ ମାର୍ଚ୍ଚ ୨୦ ରେ ଓଡିଶା ସରକାରଙ୍କ ଦ୍ୱାରା ଜୈବ ବିବିଧତା ହେରିଟେଜ୍ ସାଇଟ୍ ଭାବରେ ସୂଚିତ କରାଯାଇଥିଲା । ପ୍ରକୃତିର ଅନୁଗ୍ରହ ସହିତ ପାହାଡ ପରିସର ଔଷଧୀୟ ଉଦ୍ଭିଦ ଏବଂ ଏକ ପ୍ରାଚୀନ ଦିନରୁ ଓଡିଶାରେ ଏକ ଆୟୁର୍ବେଦିକ ସ୍ୱର୍ଗ ଅଟେ । ଜଙ୍ଗଲ ସଂରକ୍ଷଣ ତଥା ଆୟୁର୍ବେଦର ଉପକାରିତା ଉପରେ ଗୁରୁତ୍ୱ ଦେଇ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଗ୍ରହଣ କରିଥିଲେ । ସମ୍ମାନିତ ବ୍ୟକ୍ତିତ୍ୱ ଯେପରିକି କର୍ଣ୍ଣ ମାଝୀ, ଶାଳଭି ଭୋଇ, ବିପ୍ର ବିଶି ଏବଂ ଅନ୍ୟମାନେ ବିଭିନ୍ନ ଉଦ୍ଭିଦ ଉପାଦାନ ଗୁଡ଼ିକର ଉପକାର ଉପରେ ଆଲୋକପାତ କରି ଲୋକଙ୍କୁ ହର୍ବାଲ ଔଷଧ ଉପରେ ମାର୍ଗଦର୍ଶନ କରିଥିଲେ । ବ୍ୟତିକ୍ରମ ବୈଦ୍ୟମାନଙ୍କୁ ପ୍ରମାଣପତ୍ରରେ ସମ୍ମାନିତ କରାଯାଇଥିଲା । ଶେଷରେ ଟେକେନ୍ଦ୍ର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରୋଭିଡେଂଟ ଫଣ୍ଡ୍ ପାଇଁ ଆବଶ୍ୟକ ହେଲେ ବ୍ରହ୍ମପୁର ପି ଏଫ୍ ଅଫିସ୍ ଆଗରେ ଧାରଣା ଦେବେ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ

ଜୟପୁର,(ପି.ଏନ): ସ୍ଥାନୀୟ ଯାଦବ ଭବନ ଠାରେ କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ନେଇ ଏକ ବୈଠକ ଶ୍ରୀ କେଦାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ ଯାଇ ଫେରିଥିବା ଶ୍ରମିକ ନେତା ବସନ୍ତ ବେହେରା ଜଣାଇଥିଲେ ଯେ କେସିଟି ଟ୍ରଷ୍ଟ ଶ୍ରମିକ ମାନଙ୍କ ପି ଏଫ୍ ଜମା ଟଙ୍କା ସେକ୍ୟୁରିଟି ବଣ୍ଡ୍ ଏବଂ ଆର୍ ଟି ଜି ଏସ୍ ମାଧ୍ୟମରେ ପୈଠ କରିବାକୁ ଆଂଚଳିକ ପିଏଫ୍ ଅଫିସ୍ କୁ ଲିଖିତ ଭାବେ ଜଣାଇ ଥିଲେ । କିନ୍ତୁ ପି ଏଫ୍ ଅଧିକାରୀ କହିଛନ୍ତି କେବଳ ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ବ୍ୟାଙ୍କର୍ସ ଚେକ୍ ଆକାରରେ ହିଁ ଗ୍ରହଣ କରାଯିବ । ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଦେଇଥିଲେ ଯେ ମାର୍ଚ୍ଚ ମାସ ସୁଦ୍ଧା ଟ୍ରାନ୍ସଫର ହୋଇଯିବ । କିନ୍ତୁ ମାର୍ଚ୍ଚ ମାସ ରେ ଥାପର ଗ୍ରୁପର କେସିଟି ଟ୍ରଷ୍ଟ ଏକ ଚିଠି ଦେଇଛି । ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଆଗରୁ ମ୍ୟାନେଜମେଂଟକୁ ଏହି ଅସୁବିଧା କଥା ଜଣେଇଥିଲେ । ତା ସତ୍ତ୍ୱେ ସେମାନେ ଅବହେଳା କରୁଥିବାରୁ ଆବଶ୍ୟକ ସ୍ଥଳେ ସଂଘ ଓ ଅବସରପ୍ରାପ୍ତ ଶ୍ରମିକ ମାନେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ ଘେରି କେନ୍ଦ୍ର ପି ଏଫ୍ କମିଶନରଙ୍କୁ ଜଣେଇବେ ବୋଲି କହିଥିଲେ । ଇତି ମଧ୍ୟରେ ମ୍ୟାନେଜମେଣ୍ଟ ଅଧିକାରୀ ବ୍ରହ୍ମପୁର ଆଂଚଳିକ ଅଫିସ୍ ଯାଇଛନ୍ତି ଏବଂ ଡ୍ରାଫ୍ଟ ଜରିଆରେ ପୈଠ କରିବାକୁ ସମ୍ମତି ଜଣାଇଥିବା କହିଛନ୍ତି । ତେବେ ଯଦି ସମସ୍ୟା ଦୂର ନହୁଏ ତେବେ ଦୃଢ଼ ପଦକ୍ଷେପ ନିଆଯିବ । ୨୦୨୦ ରୁ ଏ କାରଖାନା ନୂଆ କମ୍ପାନୀ ହାତକୁ ନେଇଛି । ଋଣ ମଧ୍ୟ ୧୫୮ କୋଟି ନେଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଷ୍ଟାଚ୍ୟୁଟରୀ ପେମେଂଟ ଗ୍ରାଚ୍ୟୁଇଟି ଦେଉନାହିଁ । କାଗଜ କଳ ଉତ୍ପାଦନ କରୁଛି । ମାର୍ଚ୍ଚ ମାସ ରେ ୨୧ କୋଟି , ଏପ୍ରିଲ୍ ରେ ୨୩ କୋଟି ଏବଂ ମେ' ମାସ ରେ ପ୍ରାୟ ୨୫ କୋଟିରୁ ଉର୍ଦ୍ଧ୍ୱ କାଗଜ ବିକ୍ରି ହେବ । ଗତ ୧୬ ତାରିଖରେ ମାନ୍ୟବର ବିଧାୟକ ସଭାପତି ଥିବା ୟୁନିଅନର ପ୍ରତିନିଧି ମାନେ ଆଡଭାନ୍ସ ଦରମା ( ଅଧା) ପାଇଁ ଗୁହାରି କରିବା ରୁ ୟୁନିଟ୍ ଶୁଣିଲେ ନାହିଁ, ତେଣୁ କାଗଜ ବୋଝେଇ ଟ୍ରକ ସବୁ ବନ୍ଦ କଲେ । ତା ସତ୍ତ୍ୱେ ମ୍ୟାନେଜମେଂଟ ତା ଜିଦିରେ ଅଟଳ । ଆଜି କୁ ଦୁଇ ମାସ ହେଲା ଦରମା ନାହିଁ, କଂଟ୍ରାକ୍ଟର ଲେବର ସେକ୍ୟୁରିଟୀ ଗାର୍ଡ ମାନେ ଚାରି ମାସ ହେଲା ଦରମା ପାଇ ନାହାଁନ୍ତି । ଆନ୍ଦୋଳନ କଲେ କାରଖାନା ବନ୍ଦ କରିଦେବାର ଧମକ ଦେଉଛି ମ୍ୟାନେଜମେଣ୍ଟ । ଏଣୁ ସଭାରେ ନିଷ୍ପତି ନିଆଯାଇଛି ଯେ ଜୁନ୍ ମାସ ୧୫ ତାରିଖ ସୁଦ୍ଧା ଯଦି ସମସ୍ୟା ର ସମାଧାନ ନହୁଏ ତେବେ ଜୁନ୍ - ୧୯ ତାରିଖରୁ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ବିକ୍ଷୋଭ ସଂଗଠିତ କରାଯିବ । ଆଜିର ବୈଠକରେ ସର୍ବଶ୍ରୀ ରବିନ୍ଦ୍ର କୁମାର ତ୍ରିପାଠୀ, ସହଦେବ ନାଏକ, ସୁଦର୍ଶନ ବିଷୋୟୀ,ଧ୍ରୁବ ଚରଣ ବାରିକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ଟ୍ରକ ଧକ୍କାରେ ୨ ଯୁବକ ମୃତ : ଦୁର୍ଘଟଣା ଗ୍ରସ୍ତ ଗାଡି ଓ ମଦ୍ୟପ ଡ୍ରାଇଭର ଗିରଫ

ଧର୍ମଶାଳା,(ପି.ଏନ):ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡିହ ନିକଟରେ ଏକ ଟ୍ରକ ଧକ୍କାରେ ୨ ଜଣ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏହି ମୃତ ଯୁବକ ୨ ଜଣ ହେଲେ ଧର୍ମଶାଳା ଥାନା ଚହଟା ଗ୍ରାମର ବିଶ୍ୱନାଇ ମଲିକଙ୍କ ପୁଅ ରମେଶ(୨୪) ଓ ଧୁଷାସନ ମହାନ୍ତିଙ୍କ ପୁଅ ସଂଜୟ(୩୨) ବୋଲି ଜଣାପଡିଛି । ତେବେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକଟିକ କୁଆଖିଆ ଅଂଜଳରୁ ଜବତ କରିବା ସହ ମଦ୍ୟପ ଡ୍ରାଇଭରକୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ମୁତାବକ,ରମେଶ ଓ ସଂଜୟ ଦୁହେଁ ଏକ ସ୍କୁଟି ଯୋଗେ ଚଣ୍ଡିଖୋଲ ଅଂଚଳରୁ କାମ ସାରି ଘରକୁ ଫେରୁଥବବା ସମୟରେ ଶଙ୍ଖାରିଡିହ ନିକଟରେ ପଛ ପଟୁ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଦୃତ ଗତିରେ ଗାଡିକୁ କୁଆଖିଆ ଅଂଚଳକୁ ଯାଉଥିବା ସମରେ ଅନ୍ୟ ଏକ ବାଇକୁ ଧକ୍କା ଦେଇଥିଲା । ଫଳରେ ଗାଡିରେ ଥବବା ୨ ଜଣ ସାମାନ୍ୟ ଆହତ ହୋଇଥିଲେ । ଧର୍ମଶାଳା ପୋଲିସ ଖବର ପାଇ ଘଟଣାସ୍ଥଳରେ ପଂହଚି ମୃତ ଦେହକୁ ଜବତ କରି ଶବବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଛି । ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠି ଗାଡିକୁ ପିଛା କରି କୁଆଖିଆ ନିକଟରୁ ଗାଡି ଓ ଡ୍ରାଇଭରକୁ ଗରିଫ କରି ଥିବା ଜଣାପଡିଛି ।

## ଯାଜପୁର ରୋଡ଼-ଧାମରା ରେଳପଥକୁ ମଞ୍ଜୁରୀ ଦିଅ

କୋରେଇ,(ପି.ଏନ): ରେଳ ବିଭାଗ ପକ୍ଷରୁ ଓଡିଶାରେ ବରଗଡ଼ ରୋଡ-ନୂଆପଡା ଭାୟା- ପଦ୍ମପୁର ଓ ଅନୁଗୁଳ-ତାଳଚେର ରେଳପଥ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି । ମାତ୍ର ଦୁର୍ଭାଗ୍ୟଜନକଭାବେ ୯୫.୯୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯାଜପୁରରୋଡ-ଧାମରା ଭାୟା ଯାଜପୁର ଓ ଆରଡି ରେଳପଥକୁ ମଞ୍ଜୁରୀ ପ୍ରଦାନ କରିବାକୁ ରେଳ ମନ୍ତ୍ରଣାଳୟ ଅସ୍ୱୀକାର କରିଛନ୍ତି । ଏହି ରେଳପଥ ନିର୍ମାଣ କରାଗଲେ ୨୭.୪୩ ଶତାଂଶ ଲାଭ ଉପାର୍ଜନର ସମ୍ଭାବନା ଅଛି ବୋଲି ଆକଳନ କରାଯାଇଥିଲେ ମଧ ରେଳ ମନ୍ତ୍ରଣାଳୟ ସମସ୍ତ ପ୍ରକାରର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଯୁକ୍ତିଯୁକ୍ତତା ପ୍ରତି ଆଖିବୁଜି ଦେବାକୁ କିପରି ଉଚିତ ମନେ କରୁଛି, ତାହା ହିଁ ବିସ୍ମୟର ବିଷୟ ପାଲଟିଛି । ଏହି ରେଳପଥ ନିର୍ମାଣ କରାଗଲେ ଯାଜପୁର ଜିଲ୍ଲାର ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ । ଯାଜପୁରର ବିରଜା କ୍ଷେତ୍ର, ଶୈବପୀଠ ଆରଡି, ଧାମରାର ଧାମରାଇ ମନ୍ଦିର, ବ୍ୟାସ ସରୋବର ପରି ଧର୍ମପୀଠ ଏବଂ ଭିତର କନିକାର କୁମ୍ଭୀର ଅଭୟାରଣ୍ୟକୁ କେନ୍ଦ୍ର କରି ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ । ସୁକିନ୍ଦା, କେଉଁଝରର ଓ ତାଳଚେରର ଖଣିଜ ସଂପଦ ଏବଂ କଳିଙ୍ଗନଗର ଓ ନାଲକୋର ଶିଳ୍ପଜାତ ଦ୍ରବ୍ୟର ପରିବହନ ସୁଗମ ହୋଇପାରିବ । ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତା ଅବବାହିକାର ଚାଷୀ ଓ ମତ୍ସ୍ୟଜୀବୀମାନେ କୃଷିଜାତ ଦ୍ରବ୍ୟ ଓ ମତ୍ସ୍ୟ ସଂପଦର ପରିବହନ ଯୋଗୁ ଉପକୃତ ହେବେ । ଶିଳ୍ପ ଓ ବନ୍ଦରକୁ କେନ୍ଦ୍ର କରି ଅର୍ଥନୈତିକ କାର୍ଯ୍ୟକଳାପ ସଂପ୍ରସାରଣ ହେବା ସହ ଡି.ଆର.ଡି.ଓ.ର ପ୍ରତିରକ୍ଷା ଗବେଷଣା କାର୍ଯ୍ୟକ୍ରମ ଅଗ୍ରାଧିକାର ଭିତିରେ ତ୍ୱରାନ୍ୱିତ ହୋଇପାରବ । ୬୫ କିଲୋମିଟରରୁ ଉର୍ଦ୍ଧ୍ୱ ରେଳପଥ ଉପରେ ରେଳବାଇ ହରାଉଥିବା ରାଜସ୍ୱ ସଂଚୟ ହୋଇପାରିବ । ଏହା ପ୍ରତ୍ୟେକ୍ଷ ଓ ପରୋକ୍ଷଭାବେ କର୍ମନିଯୁକ୍ତିର ସୁଯୋଗକୁ ସଂପ୍ରସାରିତ କରିବ । ପୂର୍ବତଟ ରେଳପଥ ସମେତ ଦକ୍ଷିଣ-ପୂର୍ବ ରେଳପଥରେ ଥିବା କେଉଁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ବାର୍ଷିକ ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ କରୁଥିବା ରେଳବାଇ ଓଡ଼ିଶାରେ ରେଳପଥର ବିକାଶ ପାଇଁ କାହିଁକି କୁଣ୍ଠା ପ୍ରକାଶ କରୁଛି, ତାହା ଏକ ବିରାଟ ପ୍ରଶ୍ନ ହୋଇ ଠିଆ ହୋଇଛି । ସାରା ଦେଶରେ ପ୍ରତି ଏକ ହଜାର ବର୍ଗ କିଲୋମିଟର ଅଂଚଳରେ ୨୧ କିଲୋମିଟର ରେଳପଥ ଥିଲାବେଳେ ଓଡ଼ିଶାରେ ରହିଛି ମାତ୍ର ୧୮ କିଲୋମିଟର । ଭାରତର ରେଳ ମାନଚିତ୍ରରେ ଓଡ଼ିଶାର ଏହି ଅନଗ୍ରସରତାର ପ୍ରତିକାର କରିବା କ'ଣ ରେଳମନ୍ତ୍ରୀଙ୍କ କର୍ତବ୍ୟ ନୁହେଁ କି ବୋଲି ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସ ପ୍ରଶ୍ନ କରିଛନ୍ତି । ମାତ୍ର ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଯାଜପୁରରୋଡ-ଧାମରା ରେଳପଥକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି ।

## ସାମାନ୍ୟ ବଚସାରୁ ଭାଇକୁ ହାଣିଲା ଭାଇ

କନ୍ଧମାଳ, (ପି.ଏନ): ସାମାନ୍ୟ କଳିରୁ ଘଟିଛି ବିଭତ୍ସ ହତ୍ୟା । ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ଭାଇର ମୃତ୍ୟୁ ଘଟିଛି । ଏଭଳି ଘଟଣା ଘଟିଛି ଫିରିଙ୍ଗିଆ ଥାନା ଅଂଚଳରେ । ଖବରରୁ ଜଣାପଡିଛି ଯେ, ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡ଼ିମିରିଗୁଡା ଗ୍ରାମର ନରେନ୍ଦ୍ର ବିନ୍ଧାଣି ଓ ତାଙ୍କ ଭାଇ କର୍ଣ ବିନ୍ଧାଣିଙ୍କ ମଧ୍ୟରେ ସୋମବାର ରାତିରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ପାଟିତୁଣ୍ଡ ଶୁଣି ପରିବାର ଓ ସାଇପଡିଶା ପହଂଚି ବୁଝାସୁଝା କରିବା ସହ ଅଲଗା କରିଥିଲେ । ଏହାପରେ ନରେନ୍ଦ୍ର ଖାଇପିଇ ବାହାରେ ଖଟ ପକାଇ ଶୋଇଥିଲେ । ତେବେ, କର୍ଣ୍ଣ ବିନ୍ଧାଣି ଆସି ନରେନ୍ଦ୍ରଙ୍କୁ ଏକ ଟାଙ୍ଗିଆରେ ହାଣି କେଉଁଆଡ଼େ ଫେରାର ହୋଇଯାଇଥିଲା । ନରେନ୍ଦ୍ରଙ୍କ ସ୍ତ୍ରୀ ଏହା ଦେଖି ସମସ୍ତଙ୍କୁ ପାଟି କରି ଡାକିଥିଲେ । ପରିବାର ଲୋକେ ନରେନ୍ଦ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେଏକ ଟାଙ୍ଗିଆ ପଡ଼ିଛି । ମୃତ ନରେନ୍ଦ୍ରଙ୍କ ପୁଅ ଅକ୍ଷୟ ଏ ନେଇ ଫିରିଙ୍ଗିଆ ଥାନାରେ ଏତେଲା କରିଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ

ଜୟପୁର,(ପି.ଏନ): ରାଜ୍ୟ ଆଇନ ସେବା ପ୍ରାଧିକରଣ ଆଦେଶକ୍ରମେ ଜିଲ୍ଲା ଦୌରାଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଳିତ ମାସ ୨୨ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାରୁ ଆଜି ଏକ ଆଇନ ସଚେତନତା ବାର୍ତା ପାଇଁ ରାଲି କରାଯାଇଥିଲ । ଏହି ରାଲିରେ ଜିଲ୍ଲା ଓ ଦୌରାଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲିରେ ଜିଲ୍ଲା ଓ ଦୌରାଜଜ ସତ୍ୟ ନାରାୟଣ ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁମନ ଜେନା, ଜିଲ୍ଲା ବାର ପ୍ରେସିଡେନ୍ଟ ଶ୍ରୀ ବିରେଶ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଓକିଲ ତତ୍ସହିତ ଡିଫେନ୍ସ କାଉନସେଲ କାର୍ଯ୍ୟାଳୟର କର୍ମକର୍ତା ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଆଦି ଏହି ଅଭିଯାନରେ ସାମିଲ ଥିଲେ । ସେହିପରି ଆଜି ୨୨-୦୫-୨୦୨୩ରିଖରେ ଜିଲ୍ଲା ଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆଦେଶକ୍ରମେ ଆଜି ସଚିବ ସୁମନ ଜେନା କୋରାପୁଟର ଶିଶୁ ଯତ୍ନ ଅନୁଷ୍ଠାନ ପରିଭ୍ରମଣ କରିଥିଲେ । ଏହି ଅନୁଷ୍ଠାନରେ ଅନ୍ତେବାସୀଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ତଦାରଖ କରିବ ସହିତ ଅନାଥ ଶିଶୁ ମାନଙ୍କର ପାନୀୟ, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ପରିବେଶ ସମ୍ପର୍କରେ କର୍ମକର୍ଥା ଠାରୁ ବିସ୍ତୃତ ରିପୋର୍ଟ ତଲବ କରିଥିଲେ । ଏହି ଅନୁଷ୍ଠାନରେ ରହୁଥିବା ୨ମାସରୁ ୨ ବର୍ଷ ପର୍ଯ୍ୟନ୍ତ ୧୩ ଜଣ ଶିଶୁ ମାନଙ୍କୁ କିପରି ଅଧିକ ଯତ୍ନ ସହକାରରେ ରହିବେ ସେଥିପାଇଁ ପ୍ରତିମାସରେ ଦୁଇଥର ଜିଲ୍ଲା ଚିକିତ୍ସା ଅଧିକାରୀଦ୍ୱାରା ଶିଶୁରୋଗ ବେଶେଷଜ୍ଞଙ୍କୁ ଡେପୁଟ କରିବା ବୋଲି ସୁପେରିୟରଙ୍କୁ ସଚିବ ଶ୍ରୀ ସୁମନ ଜେନା ପ୍ରତିଶ୍ରୁତି ଦେଇଛନ୍ତି ।

## ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ ପାଇଁ କର୍ମଶାଳା

କେନ୍ଦ୍ରାପଡା , (ପି.ଏନ): ରାଜ୍ୟ ସମବାୟ ବିଭାଗ ତରଫରୁ ପଞ୍ଜିକରଣ ଥିବା ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି (ପ୍ରଶିକ୍ଷଣ) ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିନିକିଆ କର୍ମଶାଳାରେ ସମବାୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ମାନ୍ୟବର ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ତଥା ରେଜିଷ୍ଟାର ଓଡିଶା ସମବାୟ ସମିତିର ଉଦ୍ଧବ ଚନ୍ଦ୍ର ମାଝି, ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଟିକେ ଦୋରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଭାତ କାନୁନଗୋଙ୍କ ସମେତ ସଂପାଦକ ପ୍ରମୁଖ ଯୋଗ ଦେଇ କେନ୍ଦ୍ରାପଡା ଜିଲ୍ଲାର ୪ଟି ବ୍ଲକ ତଥା ମାର୍ଶାଘାଇ, ମହାକାଳପଡା, କେନ୍ଦ୍ରାପଡା, ଗରଦପୁର ଅଂଚଳରେ ଥିବା କୃଷି ସମବାୟ ସମିତିର ପଞ୍ଜିକରଣ କରିଥିବା ଚାଷୀ ମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା, ସମସ୍ତ ସମବାୟ ସମିତିର ଭିତିଭୂମିକୁ ସୁଦୃଢ କରିବା, ସମିତିର ନିଜସ୍ୱ ଗୋଦାମ ଗୃହ କରିବା, କୃଷି ସମବାୟ ସମିତିର ସଂପାଦକ ମାନଙ୍କୁ କ୍ୟାଡର ଭୁକ୍ତ କରିବା, ସମସ୍ତ ଶାଖା ଗୁଡିକ କମ୍ପ୍ୟୁଟର କରଣ କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏହି କର୍ମଶାଳାରେ କେନ୍ଦ୍ରାପଡା କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ଅକ୍ଷୟ ପାଣି, ଦୁର୍ଗାଶିଷ ମହାନ୍ତି, ସଂପାଦକ ସେକ ସକିଲ ଅହେମ୍ମଦ, ହେମନ୍ତ ପାତ୍ର, ବୈରାଗୀ ସାହୁ, ସୁବୋଧ ଲେଙ୍କା ସମସ୍ତ ସଭାପତି, ସଂପାଦକ ଏବଂ ଡାଟାଏଣ୍ଟ୍ରି ଅପରେଟର ପ୍ରମୁଖ ଉପସ୍ଥିତ ଥିଲେ ।

## କେନାଲ ନବୀକରଣ ନାମରେ ରାସ୍ତା ଉପରେ ମାଟି, ଦୈନିକ ଘଟୁଛି ଦୁର୍ଘଟଣା

କେନ୍ଦ୍ରପଡା , (ପି.ଏନ): କେନ୍ଦ୍ରାପଡା ସହର ଭିତରେ ଥିବା ଗୋବରୀ କେନାଲର ନବୀକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ କାମ ନେଇଥିବା ଠିକାଦାର ର ମନମୁଖୀ କାର୍ଯ୍ୟପାଇଁ ଦୈନିକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । କେନାଲର ଫକିରାବାଦ ପୋଲ ଠାରୁ କେନ୍ଦ୍ରାପଡା ବ୍ଲକ ପର୍ଯ୍ୟନ୍ତ କେନାଲ ବନ୍ଧର ରାସ୍ତା ବିପଦ ଶଙ୍କୁଳ ହୋଇ ପଡିଛି । କେନାଲରୁ ଜେସିବି ଦ୍ୱାରା ମାଟି ଉଠାଯାଇ ରାସ୍ତା କଡରେ ଜମା କରାଯାଉ ଥିବା ଓ ଏହାକୁ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଉ ଥିବା ବେଳେ ମାଟି ଗୁଡିକ ରାସ୍ତା ଉପରେ ପଡି ରହୁଛି ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray